# ପୁନଃନିର୍ମାଣ ପାଇଁ ପ୍ରଶାସନିକ ନିର୍ଦ୍ଦେଶ

କୁଆଁରମୁଣ୍ଡା,୯।୯(ଡି.ଏନ.ଏ.)

ନବ ନିର୍ମିତ ୪ ଥାକିଆ ୧୪୩ ନମ୍ବର ଜାତୀୟ ରାଜପଥର ବୀରମିତ୍ରପୁରଠାରୁ କୁଆଁରମୁଣ୍ଡା ଯମୁନାନାକି ପର୍ଯ୍ୟନ୍ତ ପ୍ରାୟ ୧୮ କି.ମି ଢଳେଇ ରାସ୍ତାର ଅଧିକାଂଶ ସ୍ଥାନରେ ଏବେ ଫାଟ ସୃଷ୍ଟି ହୋଇଛି। ରାଜପଥର ଏହି ଅଂଶ ନିର୍ମାଣ ଶେଷ ହେବାର ମାତ୍ର ୪ ମାସ ନ ପୂରୁଣୁ ଢଳେଇ ରାସ୍ତା ଫାଟି ଉଠିଯିବା ଘଟଣା ନିମ୍ନମାନର ନିର୍ମାଣ କାର୍ଯ୍ୟକୁ ସ୍ପଷ୍ଟ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏ ନେଇ ଗତ ଅଗଷ୍ଟ ୨୯ରେ କୁଆଁରମୁଣ୍ଡାରେ ଅନୁଷ୍ଠିତ ସୁନ୍ଦରଗଡ଼ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ କୁଆଁରମୁଣ୍ଡା ନାଗରିକ କମିଟି ପକ୍ଷରୁ ଯୁବନେତା ରାଜେଶ କେର୍କେଟା, ରାଜୁ ତିୱାରୀ, ରାଜେଶ ହାସଦା, ଦିଲ୍ଲୀପ ଏକ୍କା, ସଂଜୀବ ପ୍ରତାପ ସିଂଦେଓ, ବୁଲୁ ଚାନ୍ଦ, ବୀରେନ୍ଦ୍ର ଯାଦବ, କମଳାକାନ୍ତ ଦାସ, ଦୁଷ୍ମନ୍ତ ପଟ୍ଟନାୟକ ପ୍ରମୁଖ ଏକ ଲିଖିତ ଅଭିଯୋଗ କରିଥିଲେ। ଜିଲାପାଳ ଡା.ପରାଗ ହର୍ଷଦ ଗଭାଲି ଏହି ଅଭିଯୋଗକୁ ଗ୍ରହଣ କରି ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅନୁରୂପଭାବେ ଏହି ନିର୍ଦ୍ଦେଶ ଅନୁସାରେ ଶୁକ୍ରବାର ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରାକାର, ଜାତୀୟ ରାଜପଥ କର୍ତ୍ତୃପକ୍ଷ ବୀରମିତ୍ରପୁରରୁ ଯମୁନାନାକି ପର୍ଯ୍ୟନ୍ତ ନିର୍ମାଣାଧିନ ୪ ଥାକିଆ ୧୪୩ ନମ୍ବର ଜାତୀୟ ରାଜପଥକୁ ମିଳିତଭାବେ ଯାଞ୍ଚ କରିଛନ୍ତି। ଏହି ସମୟରେ କୁଆଁରମୁଣ୍ଡା ନାଗରିକ କମିଟି ପକ୍ଷରୁ ରାଜେଶ କେର୍କେଟା, ବୀରମିତ୍ରପୁର ପୌରପାଳିକା ଅଧ୍ୟକ୍ଷ ସନ୍ଦୀପ ମିଶ୍ର, ରାଜୁ ତିୱାରୀ, ସଂଜୀବପ୍ରତାପ ସିଂଦେଓ, କମଳାକାନ୍ତ ଦାସ, ଦିଲ୍ଲୀପ ଏକ୍କା, ବୁଲୁ ଚାନ୍ଦ ପ୍ରମୁଖଙ୍କ ସହ ବହୁ ସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ରହି ନିମ୍ନମାନର ରାଜପଥ ନିର୍ମାଣ ସ୍ଥାନଗୁଡିକ ବୁଲାଇ ଦେଖାଇଥିଲେ। ଦୀର୍ଘ ୧୮ କି.ମି ରାଜପଥ ନିର୍ମାଣ କାର୍ଯ୍ୟ ତଦାରଖ କରିବା ପରେ ବାସ୍ତବରେ ନିମ୍ନମାନର କାର୍ଯ୍ୟ ହୋଇଥିବା ଅନୁଭବ କରିବା ପରେ ଉକ୍ତ ଢଳେଇକୁ ଖୋଳି ତାହାକୁ ପୁନର୍ବାର ନିର୍ମାଣ କରିବାକୁ ଏହି ଅବସରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଅନ୍ୟପକ୍ଷରେ କୁଆଁରମୁଣ୍ଡା-ପଦମପୁର ରାସ୍ତା ମଧ୍ୟ ଦେଇ ଯାଇଥିବା ୧୪୩ ନମ୍ବର ଜାତୀୟ ରାଜପଥରେ ଏକ ଅଣ୍ଡରପାସ ନିର୍ମାଣ ସହ କୁଆଁରମୁଣ୍ଡା ଡାଏରୀ ଫାର୍ମ ନିକଟସ୍ଥ ବାଇପାସ୍ ରୋଡରୁ ବୈଷ୍ଣୋଭି ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ରାଜପଥରେ ଆଲୋକୀକରଣ ବ୍ୟବସ୍ଥା ଓ କୁଆଁରମୁଣ୍ଡା ବଜାର ରାସ୍ତାକୁ ନୂତନଭାବେ ନିର୍ମାଣ ସହ ଉଭୟ ପାର୍ଶ୍ୱରେ ଡ୍ରେନ କରାଯିବ ବୋଲି ଉପଜିଲାପାଳ ଚନ୍ଦ୍ରାକାର ଉପସ୍ଥିତ ନାଗରିକ କମିଟି ସଦସ୍ୟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।


ନିର୍ମାଣାଧୀନ ରାଜପଥରେ ସୃଷ୍ଟି ହୋଇଥିବା ଫାଟ ଯାଞ୍ଚ କରୁଛନ୍ତି ପ୍ରଶାସନିକ ଅଧିକାରୀ।

**ବୀରମିତ୍ରପୁରରୁ ଯମୁନାନାକି ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଫାଟ ସୃଷ୍ଟି**

## ଭୂ- ଅଭିଲେଖ, ସର୍ବେକ୍ଷଣ ନିର୍ଦ୍ଦେଶକଙ୍କ ସୁନ୍ଦରଗଡ଼ ଗସ୍ତ

ସୁନ୍ଦରଗଡ଼, ୯।୯(ଡି.ଏନ୍.ଏ.)

ଭୂ-ଅଭିଲେଖ ଓ ସର୍ବେକ୍ଷଣ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର ସୁନ୍ଦରଗଡ଼ ଜିଲା ଗସ୍ତରେ ଆସି ବିଭାଗୀୟ ଅଧିକାରୀମାନଙ୍କ ସହ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଥିଲେ। ବୈଠକରେ ବିଶେଷକରି ଜିଲାରେ ହାଇଟେକ୍ ସର୍ଭେ ପ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨୦୨୩ ଜୁନ ପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲା ହାଇଟେକ ସର୍ଭେ ସଫଳତା ପୂର୍ବକ ଶେଷ ହେବ ବୋଲି ମହାପାତ୍ର କହିଥିଲେ। ବୈଠକରେ ସମ୍ବଲପୁର ସେଟେଲମେଣ୍ଟ ଅଧିକାରୀ ପ୍ରଦୀପ ନାୟକ, ଅତିରିକ୍ତ ଜିଲାପାଳ (ସାଧାରଣ) ରବିନାରାୟଣ ସାହୁ, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ବଣାଇ ଉପଜିଲାପାଳ ସରଞ୍ଜନ ସାହୁ, ଅତିରିକ୍ତ ଉପଜିଲାପାଳ ପାନପୋଷ ସଂଯୁକ୍ତା କୁଲୁ, ତହସିଲଦାର, ଅତିରିକ୍ତ ତହସିଲଦାର, ସହାୟକ ଜିଲାପାଳ ଓ ହାଇଟେକ ଗ୍ରୁପର ପ୍ରକଳ୍ପ ପରିଚାଳକ ନିଗମ ମହାନ୍ତି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ମହିଳା ଗୁରୁତର

ରିଆମାଳ, ୯।୯(ଡି.ଏନ୍.ଏ.): ଦେବଗଡ଼ ଜିଲା ରିଆମାଳ ବ୍ଲକ ନୂଆପଡ଼ା ଗ୍ରାମରେ ଜଣେ ମହିଳା ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ଶୁକ୍ରବାର ଅପରାହ୍ନ ୪ଟାରେ ନୂଆପଡା ଗ୍ରାମର ଲାଭ ପଡିଆ ବାଟ ନାଳ ପାଖକୁ ସ୍ୱର୍ଗତ ଖଗେଶ୍ୱର ସେଠୀଙ୍କ ସ୍ତ୍ରୀ ମେନକା ସେଠୀ (୬୫) ଶୌଚ ହେବା ପାଇ ଯାଇଥିଲେ। ସେହି ସମୟରେ କେଉଁ ଆଡୁ ହଠାତ୍ ଏକ ଭାଲୁ ଆସି ମେନକାଙ୍କୁ ଆକ୍ରମଣ କରିଥିଲା। ମେନକାଙ୍କ ଚିତ୍କାର ଶୁଣି ଗ୍ରାମର ଲୋକମାନେ ହଠାତ୍ ସେହି ସ୍ଥାନକୁ ଦୌଡିଥିଲେ ଏବଂ ଭାଲୁ କବଳରୁ ଉଦ୍ଧାର କରିଥିଲେ। ପରେ ତାଙ୍କ ପରିବାର ଲୋକେ ଗୁରୁତର ଅବସ୍ଥାରେ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମେନକାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲଥିବା ସୂଚନା ମିଳିଛି।

### ଐଶ୍ୱର୍ଯ୍ୟା ଇଣ୍ଟିଗ୍ରେଟେଡ୍ ଏମ୍ଏଡ୍ ଟପ୍ପର



ରାଉରକେଲା ଅଫିସ,୯।୯: ଚଳିତ ବର୍ଷ ବାଲେଶ୍ୱର ସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ ଏମ୍ଏଡ୍‌ରେ ଟପ୍ପର ହୋଇଛନ୍ତି ଐଶ୍ୱର୍ଯ୍ୟା ମିଶ୍ର। ଏହା ଇଣ୍ଟରଗ୍ରେଡ ଭାବେ ବିଏଡ୍ ଓ ଏମ୍ଏଡ୍‌ର ତିନିବର୍ଷ ପାଠ୍ୟକ୍ରମ ଯାହାକି ଗତ ଦଶକରେ ଓଡିଶାର କେତୋଟି ବିଶ୍ୱବିଦ୍ୟାଳୟରେ ପ୍ରଚଳିତ ହୋଇଥିଲା। ଐଶ୍ୱର୍ଯ୍ୟା ରାଉରକେଲା ବାସନ୍ତୀ କଲୋନୀରେ ରୁହନ୍ତି। ୨୦୧୯ରେ ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନରେ ସ୍ନାତକ ଟପ୍ପର ହୋଇ ରେକର୍ଡ କରିଥିଲେ। ଶିକ୍ଷାରେ ଉଚ୍ଚତର ଗବେଷଣା କରୁଥିବାବେଳେ ସେ ଆଗାମୀ ଦିନରେ ଆଇଏଏସ୍ ହେବାର ଲକ୍ଷ୍ୟ ରଖିଥିବା କହିଛନ୍ତି।

### କଂଗ୍ରେସ କମିଟି ତରଫରୁ 'ଭାରତ ଯୋଡୋ' କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ସୁନ୍ଦରଗଡ଼,୯।୯(ଡି.ଏନ.ଏ.): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଦ୍ୱାରା ଭାରତ ଯୋଡୋ ବିଶାଳ ଜନସମ୍ପର୍କ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। କାଶ୍ମୀର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ସକାଶେ ସୁନ୍ଦରଗଡ଼ ଜିଲା କଂଗ୍ରେସ କମିଟି ତରଫରୁ ଏକ ପ୍ରସ୍ତୁତି ବୈଠକ ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲାର ପ୍ରତି ବ୍ଲକ ତଥା ପୌରାଞ୍ଚଳରେ ପଦଯାତ୍ରା ଆୟୋଜନ ସକାଶେ ପିସିସିର ନିର୍ଦ୍ଦେଶ କ୍ରମେ ବୈଠକରେ ନିଷ୍ପତ୍ତି ହୋଇଛି। ଦେଶକୁ ଏକତା ସୂତ୍ରରେ ବାନ୍ଧି ରଖିବା ହିଁ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ବୋଲି ବରିଷ୍ଠ ନେତା ତଥା ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ ମତବ୍ୟକ୍ତ କରିଥିଲେ। ଆସନ୍ତା ୧୦ ତାରିଖ ସକାଳୁ ସ୍ଥାନୀୟ ଡିଆରଡିଏ ଛକ ଠାରୁ ଏହି ପଦଯାତ୍ରା ବାହାରି ସହର ପରିକ୍ରମା କରି ପୁଣି ଡିଆରଡିଏ ଛକ ଠାରେ ଶେଷ ହେବ। ଏଥି ସହିତ ଏହି ବୈଠକରେ ଆଗାମୀ ଦିନରେ ପିସିସି ସଭାପତିଙ୍କ ଗସ୍ତ ନେଇ ଆଲୋଚନା ହୋଇଥିଲା। ଟାଉନ ସଭାପତି ନେପାଳ ଚନ୍ଦ୍ର ସାହୁ ବୈଠକ ପରିଚାଳନା କରିଥିଲେ। କଂଗ୍ରେସ କାର୍ଯ୍ୟକର୍ତ୍ତା ପର୍ଶୁରାମ ସରାଫ, ସୁବ୍ରତ ପୁରୋହିତ, ଅଜିତ ପ୍ରସାଦ, ହରିହର ବେହେରା, ବାବଲୁ ବେନିୱାଲ, ଗୋପାଳ ପେରୁଆ, ନବ ମେହେର, ବିକାଶ ସାହୁ, ବିକାଶ ରାଓ, ସଦାମ ହୁସେନ, ପଦ୍ମିନୀ ସୁନ୍ୟାନୀ, ବାଦଲ ମହାନନ୍ଦିଆ, ଦେବାଶିଷ ଦାଶ, ବାପି ନାଏକ, ମୁନୁ ସରାଫ, ତନବୀର ଆଲାମ, ସତ୍ୟ ନାରାୟଣ ସାହୁ, ସଞ୍ଜୟ ସାହୁ, ଅରୁଣ ପୃଷ୍ଟେଠ, ଦେବେନ ସିଂହଙ୍କ ସମେତ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

### ବିଜୁ ଜନତା ଦଳ ସୁନ୍ଦରଗଡ଼ ଜିଲା ସମସ୍ତ କମିଟି ଭଙ୍ଗ

ସୁନ୍ଦରଗଡ଼,୯।୯(ଡି.ଏନ.ଏ.): ବିଜୁ ଜନତା ଦଳ ସୁନ୍ଦରଗଡ଼ ଜିଲା ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡାଇଙ୍କ ଅନୁମୋଦନ କ୍ରମେ ଜିଲାର ସମସ୍ତ କମିଟି ଭଙ୍ଗ କରାଯାଇଛି। ଏନେଇ ଜିଲା ସଭାପତି ବିନୟ କୁମାର ଟପ୍ପୋ ଶୁକ୍ରବାର ସନ୍ଧ୍ୟାରେ ଏକ ପ୍ରେସ ବିବୃତି ଜରିଆରେ ସୂଚନା ଦେଇଛନ୍ତି। ଦଳର ବରିଷ୍ଠ, ଯୁବ, ଛାତ୍ର ଓ ମହିଳା ସଙ୍ଗଠନ କମିଟିକୁ ଭଙ୍ଗ କରାଯାଇଛି। ଯଥାଶୀଘ୍ର ନୂତନ ଜିଲା କମିଟିଗୁଡିକ ଗଠନ କରାଯାଇ ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯିବ ବୋଲି ଟପ୍ପୋ ପ୍ରକାଶ କରିଛନ୍ତି।

# ହଇରାଣରେ ପଡୁଛନ୍ତି ଗର୍ଭବତୀ

ଲେଫ୍ରିପଡ଼ା,୯।୯(ଡି.ଏନ୍.ଏ.)

**କ୍ୱାର୍ଟର୍ସରେ ରହୁନାହାନ୍ତି ସ୍ୱାସ୍ଥ୍ୟକର୍ମଚାରୀ**

ରାଜ୍ୟରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରି ଚାଲିଥିବାବେଳେ କେତେକ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ହେୟ ମନୋଭାବ ଯୋଗୁ ରୋଗୀ ହଇରାଣରେ ପଡୁଥିବା ଅଭିଯୋଗ ହୋଇଛି। ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ସ୍ୱାସ୍ଥ୍ୟ କର୍ମଚାରୀ କ୍ୱାର୍ଟର୍ସରେ ରହୁ ନ ଥିବାରୁ ଗର୍ଭବତୀ ହଇରାଣରେ ପଡୁଛନ୍ତି। ଗତ କିଛି ଦିନ ତଳେ ସ୍ଥାନୀୟ ଗ୍ରାମର ଜଣେ ଗର୍ଭବତୀଙ୍କ ରାତିରେ ବେଦନା ଆରମ୍ଭ ହୋଇଥିବାବେଳେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସମ୍ପର୍କୀୟଙ୍କ ଦ୍ୱାରା ପହଞ୍ଚିଥିଲେ। ମାତ୍ର କ୍ୱାର୍ଟର୍ସରେ ସ୍ୱାସ୍ଥ୍ୟ କର୍ମଚାରୀ ରହୁ ନ ଥିବାରୁ ପରିବାର ପକ୍ଷରୁ ମୋବାଇଲ ଫୋନ ଦ୍ୱାରା ଯୋଗାଯୋଗ କରାଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟ କର୍ମଚାରୀ ଜଣଙ୍କ ଆଶା କର୍ମୀଙ୍କ ସହ ଯୋଗାଯୋଗ କରିବା ପାଇଁ କହିଥିଲେ। ସମ୍ପୃକ୍ତ ଗର୍ଭବତୀଙ୍କ ସମ୍ପର୍କୀୟ ରାତିରେ ଆଶାକର୍ମୀଙ୍କ ପାଖକୁ ଯାଇ ଘଟଣା ସମ୍ପର୍କରେ ଅବଗତ କରିଥିଲେ ମଧ ଆଶା କର୍ମୀ ଜଣକ ମୁଁ ଯାଇ ପାରିବି ନାହିଁ ବୋଲି ସିଧା ମନା କରିଥିଲେ। ପରେ ପରିବାର ପକ୍ଷରୁ ବହୁ କଷ୍ଟରେ ଯୋଗାଯୋଗ କରି ଗର୍ଭବତୀଙ୍କ ଆଶୁ ସମାଧାନ କରାଯାଇଥିବା ଗଣମାଧମକୁ କହିଛନ୍ତି। କେତେକ କର୍ମଚାରୀଙ୍କ ହେୟ ମନୋଭାବ ଯୋଗୁ ଜନସାଧାରଣ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ହଇରାଣ ହେଉଛନ୍ତି। କୋଟିକୋଟି ଟଙ୍କା ବ୍ୟୟ କରି ସରକାର କର୍ମଚାରୀଙ୍କ ସକାଶେ କ୍ୱାର୍ଟର୍ସ ନିର୍ମାଣ କରି ରହିବା ପାଇଁ ସୁବିଧା କରିଥିବାବେଳେ କର୍ମଚାରୀମାନେ ଖାମଖିଆଲି ଭାବେ କାର୍ଯ୍ୟ କରିଚାଲିଛନ୍ତି। ଲେଫ୍ରିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ୟା ସମ୍ପର୍କରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି।

# ଏନ୍ଆଇଟିରେ ଆଦିବାସୀ ବୀର କାର୍ଯ୍ୟକ୍ରମ


ଏନ୍ଆଇଟିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଉରକେଲା ଅଫିସ,୯।୯

ଜାତୀୟ ଅନୁସୂଚିତ ଜନଜାତି ଆୟୋଗ, ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ ଓ ଅଖିଳ ଭାରତୀୟ ବନବାସୀ କଲ୍ୟାଣ ଆଶ୍ରମର ମିଳିତ ସହଯୋଗରେ ଏନ୍ଆଇଟି ରାଉରକେଲାର ଭୁବନେଶ୍ୱର ବେହେରା ପ୍ରେକ୍ଷାଳୟରେ ଶୁକ୍ରବାର ସନ୍ଧ୍ୟାରେ ଭାରତର ସ୍ୱାଧୀନତା ସଂଗ୍ରାମରେ ଆଦିବାସୀ ବୀର ନାମକ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ସଦସ୍ୟ ଅନନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଯେତେବେଳେ ବ୍ରିଟିଶମାନେ ଭାରତରେ ସେମାନଙ୍କ ସାମ୍ରାଜ୍ୟ ବିସ୍ତାର କରୁଥିଲେ ସେତେବେଳେ ଆଦିବସୀ ସମ୍ପ୍ରଦାୟର ଲୋକମାନେ ପ୍ରଥମେ ବିରୋଧ କରି ସଂଗ୍ରାମ ଆରମ୍ଭ କରିଥିଲେ। ସେମାନଙ୍କ ବୀରତ୍ୱ ଓ ଦେଶ ପ୍ରତି ଆତ୍ମବଳିଦାନ ଉପରେ ମୁଖ୍ୟ ଅତିଥି ମତ ପ୍ରକାଶ କରିଥିଲେ। ପ୍ରଫେସର କୌତୁକ ପାଣ୍ଡାର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଭାରତର ସ୍ୱାଧୀନତା ସଂଗ୍ରାମରେ ଆଦିବାସୀ ବୀର ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଏନ୍ଆଇଟିର ନିର୍ଦ୍ଦେଶକ କେ. ଉମାମେହେଶ୍ୱର ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଖିଳ ଭାରତୀୟ ବନବାସୀ କଲ୍ୟାଣ ଆଶ୍ରମର ସଦସ୍ୟଙ୍କ ସହ ଏନ୍ଆଇଟିର ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ଏନ୍‌ସିଏସ୍‌ଟି ପ୍ରତିନିଧି ଭାବେ ଭାସ୍କର ସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏନ୍ଆଇଟିର କୁଳ ସଚିବ ପ୍ରଫେସର ରୋହନ ଧମାନ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜଗାଙ୍ଗପୁର ଗଣେଶ ମହୋତ୍ସବ ସମାପନ

ରାଜଗାଙ୍ଗପୁର, ୯।୯(ଡି.ଏନ.ଏ.)

ରାଜଗାଙ୍ଗପୁର ସହରରେ ଗଣେଶ ଚତୁର୍ଥୀ ଠାରୁ ଆରମ୍ଭ ହୋଇଥିବା ଗଣେଶ ପୂଜା ମହୋତ୍ସବ ଶୁକ୍ରବାର ସମାପନ ହୋଇଯାଇଛି। ସହରରେ ବିଭିନ୍ନ ସ୍ଥାନରେ ବହୁ ଆଡମ୍ବର ସହକାରେ ୫୪ଟି ମଣ୍ଡପରେ ମୂର୍ତ୍ତି ତିଆରି କରି ପୂଜାର୍ଚ୍ଚନା ହୋଇଥିଲା। ତନ୍ମଧ୍ୟରୁ ମଙ୍ଗଳବାର ସନ୍ଧ୍ୟାରେ କେତେକ ମୂର୍ତ୍ତି ଆଡମ୍ବର ସହକାରେ ଶୋଭାଯାତ୍ରାରେ ନିଆଯାଇ ସହର ପରିକ୍ରମା କରି ଲିପଲୋଇଠାରେ ନିର୍ମିତ କୃତ୍ରିମ ପୋଖରୀରେ ବିସର୍ଜନ କରାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ମଧ ବାକି ରହିଯାଇଥିବା ମୂର୍ତ୍ତିଗୁଡ଼ିକ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଥିଲା। ସୁରୁଖୁରୁରେ ଶାନ୍ତିଶୃଙ୍ଖଳାର ସହ ବିସର୍ଜନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

## ଅଙ୍ଗନୱାଡି କର୍ମୀଙ୍କୁ ଗାଳିଗୁଲଜ, ଅସଦାଚରଣ ଅଭିଯୋଗ

ଲହୁଣୀପଡା,୯।୯(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ତାଳବାହାଳି ପଞ୍ଚାୟତ ବୁଡାଭୁଇଁ ଅଙ୍ଗନୱାଡିକର୍ମୀ କେନ୍ଦ୍ରରେ ପାଠ ପଢ଼ାଉଥିବାବେଳେ ସେହି ଗ୍ରାମର ଯୁବକ ଅଙ୍ଗନୱାଡି କେନ୍ଦ୍ରରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ, ମାରପିଟ ଓ ଅସଦାଚରଣ କରିବା ଅଭିଯୋଗରେ କୋର୍ଟ ଚାଲାଣ ହୋଇଥିବା ଜଣାପଡିଛି। ମହୁଲଲତା ଗ୍ରାମର ଜନୈକା ମହିଳା ବୁଡାଭୁଇଁ ଗ୍ରାମର ଅଙ୍ଗନୱାଡି କର୍ମୀ ଭାବେ ଦଶ ବର୍ଷରୁ ଊର୍ଦ୍ଧ୍ୱ ହେବ କାର୍ଯ୍ୟ ତୁଲାଇ ଆସୁଛନ୍ତି। ସେହି ଗ୍ରାମର ଗୋଲବଦନ ଦେହୁରୀ ବିଭିନ୍ନ ସମୟରେ କେନ୍ଦ୍ରକୁ ଯାଇ ଗାଳିଗୁଲଜ କରିବା ଏବଂ ବିଭିନ୍ନ ଆଳ ଦେଖାଇ ଟଙ୍କା ମାଗିବା, ଖରାପ ସମ୍ପର୍କ ରଖିବା ପାଇଁ ବାଧ କରୁଥଲେ। ଗୁରୁବାର ଗୋଲବଦନ ଚିରାଚରିତ ଢଙ୍ଗରେ ଗାଳିଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ଅସଦାଚରଣ କରିଥିଲେ ବୋଲି ଅଙ୍ଗନୱାଡି କର୍ମୀ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଜନଶୁଣାଣି ସ୍ଥଗିତ: ଅସନ୍ତୋଷ ପ୍ରକାଶ କଲେ ଗ୍ରାମବାସୀ



ଜନଶୁଣାଣିକୁ ଆସିଥିବା ଗ୍ରାମବାସୀ।

କୁତ୍ରା, ୯।୯ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ତହସିଲ କାର୍ଯ୍ୟାଳୟରେ ଶୁକ୍ରବାର ହେବାକୁ ଥିବା ଜନଶୁଣାଣି ସ୍ଥଗିତ ହେବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ କନ୍ଦେଇମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କନ୍ଦେଇମୁଣ୍ଡା ଓ ତେଲିଘଣା ମୌଜାର ସରକାରୀ ଜମିକୁ ଓଡିଶା ଶିଳ୍ପାଞ୍ଚଳ ଭିତ୍ତିଭୂମି ବିକାଶ ନିଗମ ଭୁବନେଶ୍ୱର ଶିଳ୍ପ ପ୍ରତିଷ୍ଠା ଏବଂ ସହଯୋଗୀ କାର୍ଯ୍ୟକଳାପ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି କରିବା ପାଇଁ ଆବେଦନ କରିଥିଲେ। ଯାହାକୁ ନେଇ କନ୍ଦେଇମୁଣ୍ଡା ଗ୍ରାମ ପଞ୍ଚାୟତର କେତେକ ଗ୍ରାମବାସୀ ଆପତ୍ତି ଦରଖାସ୍ତ କୁତ୍ରା ତହସିଲରେ କରିଥିଲେ। ଯେଉଁମାନେ ଆପତ୍ତି ଦସ୍ତଖତ କରିଥିଲେ ସେମାନଙ୍କୁ ନେଇ ଶୁକ୍ରବାର ଏକ ଜନଶୁଣାଣି ପାଇଁ କୁତ୍ରା ତହସିଲ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଠାରେ ଉପସ୍ଥିତ ରହିବା ପାଇଁ କୁହାଯାଇଥିଲା। ସେହି କ୍ରମରେ ପୋଲିସକୁ ମଧ୍ୟ ଖବର ଦିଆଯାଇଥିଲା। ଏହାକୁ ଆଧାର କରି ସମସ୍ତ ଗ୍ରାମବାସୀ ଓ ପୋଲିସ ଆସି ପହଞ୍ଚିଲା ପରେ ତହସିଲ ପକ୍ଷରୁ କୁହାଗଲା ଯେ ଏହି ଜନଶୁଣାଣିକୁ ପୂର୍ବ ତହସିଲଦାର ଅଧା କରିଛନ୍ତି। ସେ ଆଜି ଛୁଟିରେ ଥିବାରୁ ସେ ଆସିଲା ପରେ ଆଉ ଏକ ତାରିଖରେ ଏହି ଜନଶୁଣାଣି ହେବ। ଯାହାକୁ ନେଇ ଗ୍ରାମବାସୀ ବିରକ୍ତ ହେବା ସହ ଆସନ୍ତା ଜନଶୁଣାଣିରେ ଆମେ ତହସିଲକୁ ଆସିବୁ ନାହିଁ ଆମ ଗ୍ରାମ ପଞ୍ଚାୟତରେ ଏହି ଜନଶୁଣାଣିକୁ କରାଯାଉ କହିଥିଲେ। ପରେ ସମସ୍ତେ ଘରକୁ ଫେରିଥିଲେ।

# ଜନଶିକ୍ଷଣ ସଂସ୍ଥାନ ପକ୍ଷରୁ ଆୟୋଜିତ ଦକ୍ଷତା ପ୍ରତିଯୋଗିତା ଉଦ୍‌ଯାପିତ

ଦେବଗଡ଼, ୯।୯(ଡି.ଏନ.ଏ)

ସ୍ଥାନୀୟ ଜନ ଶିକ୍ଷଣ ସଂସ୍ଥାନ କାର୍ଯ୍ୟାଳୟରେ ଗତ ଗୁରୁଦିବସ ଅବସରରେ ଆରମ୍ଭ ହୋଇଥିବା ଦକ୍ଷତା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଖୁସି ପାତ୍ର ପ୍ରଥମ, ସୁଭଦ୍ରା ନାୟକ ଦ୍ୱିତୀୟ ଏବଂ କବିତା ରାଉତ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ସଂସ୍ଥାନର ଅଧକ୍ଷା ବେବି ନାୟକଙ୍କ ଅଧକ୍ଷତାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ କାର୍ଯ୍ୟକ୍ରମ ଅଧିକାରୀ ହୃଷିକେଶ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ପରେ ସଂସ୍ଥାନର ନିର୍ଦ୍ଦେଶକ ଦୀପକ କୁମାର ସାମନ୍ତରାୟ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ କଲେଜ ରାଜନୀତି ବିଜ୍ଞାନ ପ୍ରାଧ୍ୟାପିକା ସସ୍ମିତା ପ୍ରଧାନ ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସାଧନ କର୍ମୀ ସୁମିତ୍ରା ନାୟକ ଓ ସଂଯୁକ୍ତା ନାୟକଙ୍କୁ ମଧ ସଂସ୍ଥାନ ପକ୍ଷରୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ପ୍ରତିଷ୍ଠାନର ସହ କାର୍ଯ୍ୟକ୍ରମ ଅଧିକାରୀ ପିତାମ୍ବର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାନବିକତାର ବାର୍ତ୍ତା ବାଣ୍ଟୁଛନ୍ତି ଶ୍ମଶାନ ବନ୍ଧୁ

ସୁନ୍ଦରଗଡ଼,୯।୯(ଡି.ଏନ.ଏ.)

**ଗୋଟିଏ ଦିନରେ ଦୁଇଟି ଅସହାୟଙ୍କର ଶବସତ୍କାର**

ଅସହାୟଙ୍କର ଶେଷଯାତ୍ରାର ସାଥୀ ହୋଇ ସୁନ୍ଦରଗଡର ଶ୍ମଶାନ ବନ୍ଧୁମାନେ ଯେଉଁ ମାନବିକତାର ବାର୍ତ୍ତା ବାଣ୍ଟୁଛନ୍ତି ତାହା ବିରଳ। ଜନସାଧାରଣ ହୁଅନ୍ତୁ ବା ପୋଲିସ ପ୍ରଶାସନ, ଅବା କୌଣସି ଦୁଃଖି ଅସହାୟ ଯଦି କାହାରି ପରଲୋକ ଘଟେ ଖବର ପାଇବା ମାତ୍ରେ ସହଯୋଗର ହାତ ବଢାଇଥାନ୍ତି। ତାହା ପୁଣି ନିଜସ୍ୱ ଟିମ୍ ସଦସ୍ୟମାନଙ୍କ ଖର୍ଚ୍ଚରେ ହୁଏ ଶେଷକୃତ। ଏହିପରି ବୁଧବାର ଗୋଟିଏ ଦିନରେ ଦୁଇଟି ଅସହାୟଙ୍କର ଶବ ସତ୍କାର କରି ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟମାନେ ଏକ ମାନବିକତାର ବାର୍ତ୍ତା ପ୍ରଦାନ କରିଛନ୍ତି। ଗତ ୩ ତାରିଖ ବଡଗାଁ ଥାନା ଅନ୍ତର୍ଗତ ରାଜ୍ୟ ରାଜପଥ ନିକଟରେ ଏକ ବାଲିଗଦା ଉପରୁ ଉଦ୍ଧାର ହୋଇଥିବା ଝାଡ଼ଖଣ୍ଡ ରାଜ୍ୟର ରାଞ୍ଚିର ବିଚୁ ମହାରଣାଙ୍କ ମୃତଦେହ ସତ୍କାର କରିଥିଲେ। ତାଙ୍କର ଘର ଲୋକଙ୍କୁ ଖବର ଦିଆଯିବା ପରେ ସେମାନେ ସୁନ୍ଦରଗଡ ଆସି ମୃତଦେହ ଚିହ୍ନଟ କରିଥିଲେ କିନ୍ତୁ ଗରିବ ତଥା ଅସହାୟ ଶ୍ରେଣୀର ହୋଇଥିବାରୁ ଶବ ନେବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ବଡଗାଁ ପୋଲିସ ସୁନ୍ଦରଗଡର ଟିମ୍ ଶ୍ମଶାନ ବନ୍ଧୁର ସହଯୋଗ ଲୋଡି ଶେଷକୃତ ପାଇଁ ନିବେଦନ କରିଥିଲେ। ସୁନ୍ଦରଗଡ ପତ୍ରାପଡା ମନ୍ଦିର ପଡାଠାରେ ଜଣେ ଏକୁଟିଆ ରହୁଥିବା ଅସହାୟ ଗରିବ ମହିଳା ଅହଲ୍ୟା ଭଇଁଷାଲଙ୍କର ଘର ଭିତରେ ପରଲୋକ ଘଟିଥିଲା। ଖବର ପାଇ ୧୮ ନମ୍ବର ୱାର୍ଡର କାଉନସିଲର ପୌଷାଳି ବାରିକ ଓ ତାଙ୍କର ଆଇନଜୀବୀ ସ୍ୱାମୀ ରଞ୍ଜିତ ସ୍ୱାଇଁ ଟିମ ଶ୍ମଶାନ ବନ୍ଧୁର ସଦସ୍ୟମାନଙ୍କୁ ଶେଷକୃତରେ ସହଯୋଗ ପାଇଁ ଅନୁରୋଧ କରିଥିଲେ। ଟିମ ଶ୍ମଶାନ ବନ୍ଧୁର ସଦସ୍ୟମାନେ ମହାପ୍ରୟାଣ ଯୋଗେ ଅହଲ୍ୟାଙ୍କର ଶବକୁ ସୁନ୍ଦରଗଡ଼ ସ୍ୱର୍ଗଦ୍ୱାରକୁ ନେଇ ସେଠାରେ ହିନ୍ଦୁ ପରମ୍ପରା ଓ ନୀତିନିୟମ ଅନୁଯାଇ ଶବ ସତ୍କାର କରିଥିଲେ।

# ସୁନ୍ଦରଗଡ଼ ଭୁଲିଆ ସମାଜ ତରଫରୁ ନୂଆଁଖାଇ ଭେଟଘାଟ୍



ସୁନ୍ଦରଗଡ଼,୯।୯(ଡି.ଏନ.ଏ.)

ସୁନ୍ଦରଗଡ଼ ଟାଉନ ଭୁଲିଆ ସମାଜ ତରଫରୁ ବଡପତ୍ରାପାଲିଠାରେ 'ଆମର ପରବ ଆମର ଗରବ' ନୂଆଁଖାଇ ଭେଟ୍‌ଘାଟ୍ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ମା' ସମଲେଶ୍ୱରୀଙ୍କଠାରେ ପୂଜାର୍ଚ୍ଚନା ପରେ ନୂଆଁ ଅନ୍ନ ଭୋଗ ଅର୍ପଣ କରାଯାଇଥିଲା। ଏଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ମହିଳାମାନଙ୍କୁ ନେଇ ଏକ ମ୍ୟୁଜିକାଲ ଚେୟାର ଖେଳ ମଧ୍ୟ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସମଲେଶ୍ୱରୀ ଭଜନ, ସମ୍ବଲପୁରୀ ଗୀତନୃତ୍ୟ, କବିତା, ଚିତ୍ରକଳା ଆଦି ଛୋଟ ପିଲାମାନେ ପ୍ରଦର୍ଶନ କରିଥିଲେ। ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଭୋଜନ ପରସା ଯାଇଥିଲା। ସମାରୋହରେ ଭୁଲିଆ ସମାଜର ସମ୍ବଲପୁରୀ ବସ୍ତ୍ରକୁ ସମ୍ମାନ ଦେଇ ସମସ୍ତେ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ଆସିଥିଲେ। ସୁନ୍ଦରଗଡ଼ ଟାଉନ ଭୁଲିଆ ସମାଜ ସଭ୍ୟମାନଙ୍କ ସହଯୋଗ କ୍ରମେ ନୂଆଁଖାଇ ଭେଟଘାଟ ଧୂମଧାମରେ ହୋଇଥିଲା ।

# ପାଣି ପାଇଁ ସ୍ମାର୍ଟ ମିଟର ପ୍ରଚଳନକୁ ବିରୋଧ

## ଜିଲାପାଳଙ୍କୁ ଦାବିପତ୍ର, ପିଏଚ୍‌ଡି ଅଫିସ ଘେରାଉ

**ସମ୍ବଲପୁର,୯।୯(ବ୍ୟୁରୋ)**



ଏଡିଏମ୍‌ଙ୍କୁ ଦାବିପତ୍ର ଦେଉଛନ୍ତି ଭାଜପା ପ୍ରତିନିଧି ଦଳ।

ସମ୍ବଲପୁର ଜିଲାରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୁଧବାରଠାରୁ ପ୍ରତ୍ୟେକ ଘରେ ଓ ଅନୁଷ୍ଠାନରେ ପାଣି ପାଇଁ ସ୍ମାର୍ଟମିଟର ଲଗାଇବା କାର୍ଯ୍ୟ ଆରମ୍ଭ ହୋଇଛି। ପଶ୍ଚିମାଞ୍ଚଳ ଏକତା ମଞ୍ଚ ଓ ଭାଜପା ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ଶୁକ୍ରବାର ଅସନ୍ତୁଷ୍ଟମାନେ ଭାଜପା କର୍ମକର୍ତ୍ତାଙ୍କ ସହିତ ଜିଲାପାଳଙ୍କ ଅଫିସକୁ ଯାଇ ଜିଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ୍ ଉମାକାନ୍ତ ରାଜଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ୟପଟେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଜନସ୍ୱାସ୍ଥ୍ୟ ବିଭାଗ ଅଫିସ ଘେରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛି। ସେମାନେ ଅଭିଯୋଗ କରିଛନ୍ତି, ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁର ଭଳି ପ୍ରମୁଖ ଜିଲାରେ ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, କର୍ମଚାରୀ ନାହାନ୍ତି। ଲୋକମାନେ ମାସିକ ଦେୟ ଦେଉଥିଲେ ମଧ୍ୟ ସେହି ଅନୁସାରେ ଶୁଦ୍ଧ ପାନୀୟଜଳ ମିଳୁନାହିଁ। ମରାମତି ଓ ଯାନ୍ତ୍ରିକ ତ୍ରୁଟି ଆଳରେ ନିତିଦିନିଆ ପାଣି ମଧ୍ୟ ଯୋଗାଇ ଦିଆଯାଉନାହିଁ। ଗ୍ରୀଷ୍ମ, ବର୍ଷା, ଶୀତ ସବୁ ସମୟରେ ସମ୍ବଲପୁର ସହରବାସୀ ପାନୀୟ ଜଳ ପାଇଁ ଯନ୍ତ୍ରଣା ଭୋଗୁଛନ୍ତି। ବିଭିନ୍ନ ଅଫିସକୁ ଧାଁଧପଡ଼ କରି ହଇରାଣ ହେଉଛନ୍ତି। ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାରୀ ସ୍ତରରେ ଯୋଜନା କରାଯାଉଛି। ହେଲେ ସମ୍ବଲପୁର ଜିଲାରେ ଏହା ବିଫଳ ହେଉଛି। ପାଣି ପାଇପ୍ ସଂଯୋଗ ପାଇଁ କେତେକ ପରିବାରଠାରୁ ୫୦୦ଟଙ୍କା ନିଆଯାଇଥିଲେ ମଧ୍ୟ ସଂଯୋଗ ଦିଆଯାଇନାହିଁ। କିଛିବର୍ଷ ପୂର୍ବରୁ ସମ୍ବଲପୁର ସହରକୁ ୧୬୦ କୋଟି ଟଙ୍କା ଅନୁଦାନ ଆସିଥିଲା। ହେଲେ ପାଇପ୍ ମରାମତି ନ କରି ବିଭାଗୀୟ କର୍ମଚାରୀ ଠିକା ସଂସ୍ଥା ସହ ମିଶି ଟଙ୍କା ହଡ଼ପ କରିନେଇଥିଲେ। ଏବେ ମଧ୍ୟ ଠିକା ସଂସ୍ଥା ପୋଷିବା ଭଳି ନୀତି ଆପଣାଯାଉଛି। ସହରରେ ୭୨ହଜାର ସ୍ମାର୍ଟମିଟର ଲଗାଯିବା ପାଇଁ ପରିକଳ୍ପନା କରାଯାଇଛି। ପରୀକ୍ଷାମୂଳକ ଭାବେ ଏହା ଆରମ୍ଭ ହୋଇଛି। ସମ୍ବଲପୁରବାସୀ ଏହାକୁ ଘୋର ବିରୋଧ କରୁଛନ୍ତି। ଏହି ପରୀକ୍ଷାମୂଳକ ପରିକଳ୍ପନାକୁ ସରକାର ଭୁଲିଯାଆନ୍ତୁ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ହୋଇଥିବା ଘେରାଉରେ ଡା. ପରେଶ ଚନ୍ଦ୍ର ଦାନି, ଖବରଦାତା ଶିବପ୍ରସାଦ ମେହେର, କମଳଲୋଚନ ପଣ୍ଡା, ସୁବ୍ରତ ପଣ୍ଡା, ଶାଶ୍ୱତ ପଣ୍ଡା, କାନ୍ତି ମେହେର, ପଙ୍କଜିନୀ ମେହେର, ଭବାନୀ ଭୋଇ, ମାନସ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭାଜପା ପ୍ରତିନିଧି ଦଳରେ ସମୀର ରଞ୍ଜନ ବାବୁ, ସଞ୍ଜୟ ଷଡ଼ଙ୍ଗୀ, ଶମ୍ଭୁ ବରେଲିଆ, ଅନ୍ନପୂର୍ଣ୍ଣା ବାରିକ, ହାସିମ ରାଜା, ପ୍ରଭାସିନୀ ଦାଶ, ସୁମିତ୍ର ଜତି, ଅଭିଷେକ ମିଶ୍ର ପ୍ରମୁଖ ସାମିଲ ଥିଲେ।

## ୨ ସ୍କାଉଟ୍ ଶିକ୍ଷକ ସମ୍ମାନିତ



**ଝାରସୁଗୁଡ଼ା ଅଫିସ,୯।୯**

ଓଡିଶା ରାଜ୍ୟ ଭାରତ ସ୍କାଉଟ୍‌ସ୍ ଓ ଗାଇଡସ୍ ତରଫରୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ସ୍ମୃତିରେ ବସନ୍ତ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ କମିଶନର କାଳୀ ପ୍ରସାଦ ମିଶ୍ର ସଭାପତିତ୍ୱ କରିଥିବାବେଳେ ଓଡିଶା ବିଧାନସଭା ସଚିବ ଦାଶରଥୀ ଶତପଥୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୩୦ ଜିଲାରୁ ଜଣେ ଲେଖାଏ ସ୍କାଉଟ୍ ମାଷ୍ଟର ଓ ଗାଇଡ୍ କ୍ୟାପ୍ଟେନଙ୍କୁ ବସନ୍ତ ବିଶ୍ୱାଳ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଝାରସୁଗୁଡାବନହପାଲିସ୍ଥିତ ଡିଏଭି ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ ମାଷ୍ଟର ତଥା ଇଂରାଜୀ ଶିକ୍ଷକ ଶ୍ରୁତିକାନ୍ତ ବାରିକ ଓ ଭିକମପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ ମାଷ୍ଟର ନିତ୍ୟାନନ୍ଦ ନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଦୁଇ ଶିକ୍ଷକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି ।

## ସଂକ୍ଷେପରେ

### ପ୍ରତାରଣା କରି ଯୁବକ ଗିରଫ

**କୁଚିଣ୍ଡା,୯।୯(ଡି.ଏନ.ଏ.):** ଯୁବତୀଙ୍କୁ ପ୍ରତାରଣା କରିବା ଅଭିଯୋଗରେ ଗୋବିନ୍ଦପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ବଡ଼ଗୁ ଗ୍ରାମର ସୁମନ୍ତ ଲାକ୍ରା(୩୬)। ସୂଚନା ଅନୁଯାୟୀ ସୁମନ୍ତ ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଯୁବତୀ ଜଣକ ବିବାହ ପାଇ ଜିଦ୍ ଧରିବାରୁ ସୁମନ୍ତ ବିବାହିତ କହି ତାଙ୍କ କଥାକୁ ଏଡାଇ ଦେଇଆସୁଥିଲେ। କିଛିଦିନ ତଳେ ଯୁବତୀ ଜଣଙ୍କ ସୁମନ୍ତଙ୍କ ଘରେ ପହଞ୍ଚି ବିବାହ କଥା ଉଠାଇଥିଲେ। ହେଲେ ସୁମନ୍ତ ଓ ତାଙ୍କ ବିବାହିତା ସ୍ତ୍ରୀ ଯୁବତୀଙ୍କୁ ମାରପିଟ କରି ସେଠାରୁ ତଡି ଦେଇଥିଲେ। ଯୁବତୀ ଜଣକ ଏ ନେଇ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଶୁକ୍ରବାର ଅଭିଯୁକ୍ତ ସୁମନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଅଜୟ କୁମାର ଜେନା କହିଛନ୍ତି।

### ବୃଦ୍ଧଙ୍କ ଗଳିତ ମୃତଦେହ ଜବତ

**ଜମନକିରା,୯।୯(ଡି.ଏନ.ଏ.) :** ଜମନକିରା ଥାନା ଗୌଡପାଲି ଫାଣ୍ଡି ଅନ୍ତର୍ଗତ ବଡରମା ଉଡ଼ିଶୁଙ୍ଗ ରାସ୍ତା ପାର୍ଶ୍ୱ ଜଙ୍ଗଲରେ ଜଣେ ବୃଦ୍ଧଙ୍କ ଗଳିତ ମୃତଦେହ ଜବତ ହୋଇଛି। ମୃତକ ହେଲେ ବଡରମା ଗ୍ରାମର ରମେଶ ପ୍ରଧାନ। ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଘଟଣା ସ୍ଥଳରେ ଗୌଡପାଲି ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ଆନ୍ତର୍ଜାତିକ ସାକ୍ଷରତା ଦିବସ

**କୁଚିଣ୍ଡା,୯।୯(ଡି.ଏନ.ଏ.):** କୁଚିଣ୍ଡାଠାରେ ଗୁରୁବାର ଏସିଇ କମ୍ପ୍ୟୁଟର ଏକାଡେମୀ ପକ୍ଷରୁ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ସେଣ୍ଟର ଡାଇରେକ୍ଟର ରାଜେଶ ଶର୍ମାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର କିଶୋର ପ୍ରଧାନ ମୁଖ୍ୟଅତିଥି ଓ ଦିଲିପ ପାଣି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୨୦୨୧-୨୨ ଯୁକ୍ତ ଦୁଇ ପରୀକ୍ଷାରେ ଟପ୍ପର ହେଇଥିବା କୁଚିଣ୍ଡା ମହାବିଦ୍ୟାଳୟର ଛାତ୍ରୀ ଓ ମହିଳା କଲେଜ ଛାତ୍ରୀଙ୍କୁ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା।

### ଅନନ୍ତମୁଖୀ, ଭାଗବତ ସପ୍ତାହ ପାଳିତ

**ପଡିଆବାହାଲ, ୯।୯(ଡି.ଏନ.ଏ.):** ଯୁଯୁମୁରା ବ୍ଲକ ପଞ୍ଚାୟତ ପଟୁଆବାହାଲ ଶିବ ମନ୍ଦିରରେ ଶୁକ୍ରବାର ଅନନ୍ତମୁଖୀ ପାଳିତ ହୋଇଯାଇଛି। ପଣ୍ଡିତ ଶାଶ୍ୱତ କୁମାରଙ୍କ ପୌରୋହିତ୍ୟରେ ସପତ୍ନୀକ ଡିଲେଶର ପ୍ରଧାନଙ୍କ କର୍ତ୍ତୃତ୍ୱରେ ପୂଜା ଓ ହୋମକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଇନ୍ଦ୍ରମଣୀ ପରିମାଣିକ, ଦେବଦତ୍ତ ରାଉତ, ବଳଭଦ୍ର ସାହୁ, ରୋହିତ ମେହେର, ଉଦ୍ଧବ ସାହୁ, ରାମଚନ୍ଦ୍ର ସାହୁ ଶ୍ରୀମଦ୍ ଭାଗବତ ପୁରାଣ ପାଠ କରିଥିଲେ। ଅପରାହ୍ନ ୪ଟାରେ ପୂର୍ଣ୍ଣାହୁତି ହୋଇଥିଲା। ସେହିପରି ପଞ୍ଚାୟତ ପାଟୁଆବାହାଲସ୍ଥିତ କ୍ଷିତି ଜ୍ୟୋତି ଆଶ୍ରମଠାରେ ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ ପକ୍ଷରୁ ଭାଗବତ ସପ୍ତାହ ପାଳିତ ହେଉଛି। ଶନିବାର ଏହା ଉଦ୍‌ଯାପିତ ହେବ।

### ଭାଗବତ ମହାପୁରାଣ ଜ୍ଞାନଯଜ୍ଞ

**ନାକଟିଦେଉଳ,୯।୯(ଡି.ଏନ.ଏ.):** ନାକଟିଦେଉଳ ବ୍ଲକ ବାଟଗାଁ ଗୋବିନ୍ଦପୁର ସାହିରେ ସପ୍ତାହବ୍ୟାପୀ ଶ୍ରୀମଦ୍ ଭାଗବତ ମହାପୁରାଣ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସାହିର ଅଗ୍ରୱାଲା ପରିବା ଏହାକୁ ଆୟୋଜନ କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ଭାଗବତ ମହାପୁରାଣ ପ୍ରବଚନ ହୋଇଥିଲା। ଛତିଶଗଡ଼ ସରାଇପାଲିର ପଦ୍ମଲୋଚନଜୀ ମହାରାଜ ଯୋଗଦେଇ ପ୍ରବଚନ ଦେଇଥିଲେ। ଗୁରୁବାର ସନ୍ଧ୍ୟାରେ ଭାଗବତ ପୂଜା ସହ ହୋମକାର୍ଯ୍ୟ ପୂର୍ବକ ଜ୍ଞାନଯଜ୍ଞରେ ପୂର୍ଣ୍ଣାହୁତି ପଡ଼ିଥିଲା। ଏଥିରେ ଆଖପାଖ ଗ୍ରାମର ବହୁ ଭାଗବତ ପ୍ରେମୀ ଯୋଗଦେଇଥିଲେ।

### ସେଣ୍ଟ୍ରାଲ ଏକ୍ସାଇଜ ବିଭାଗର ପୂର୍ବତନ ଉପାୟୁକ୍ତଙ୍କ ପରଲୋକ

**ସମ୍ବଲପୁର,୯।୯(ବ୍ୟୁରୋ):** ସେଣ୍ଟ୍ରାଲ ଏକ୍ସାଇଜ ବିଭାଗର ଅବସରପ୍ରାପ୍ତ ଉପାୟୁକ୍ତ ଦେବାର୍ଚ୍ଚନ ଦୀପଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ତାଙ୍କୁ ୬୭ବର୍ଷ ହୋଇଥିଲା। ବରଗଡ଼ ଜିଲା ପଦ୍ମପୁର ମାଟିଆମହୁଲ ମୂଳନିବାସୀ ଦେବାର୍ଚ୍ଚନ ଝାରସୁଗୁଡ଼ା, ରାଉରକେଲା, ଭୁବନେଶ୍ୱର ଓ ସମ୍ବଲପୁର ଆଦି ସ୍ଥାନରେ ବିଭାଗୀୟ ଉଚ୍ଚ ପଦବୀରେ କାର୍ଯ୍ୟକରି ଅବସର ନେଇଥିଲେ। ସେ ସମ୍ବଲପୁର କଲ୍ୟାଣ ନଗରଠାରେ ନିଜସ୍ୱ ବାସଭବନରେ ରହୁଥିଲେ।

# ସମସ୍ତେ ଏକ ଟିମ୍ ଭାବେ କାମ କରିବାକୁ ଆହ୍ୱାନ

## ବିଦ୍ୟାଳୟ ଓ ଗଣଶିକ୍ଷା ସଚିବଙ୍କ ସମୀକ୍ଷା ବୈଠକ

**ସମ୍ବଲପୁର,୯।୯(ବ୍ୟୁରୋ)**



ଜିଲାପାଳଙ୍କ ଅଫିସରେ ଶିକ୍ଷା ସଚିବଙ୍କ ସମୀକ୍ଷା ବୈଠକ ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ ଆଶ୍ୱଥି ଏସ୍ ସମ୍ବଲପୁର ଗସ୍ତରେ ଆସି ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଜିଲାପାଳ ଅନନ୍ୟା ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷା କ୍ଷେତ୍ରରେ ଜିଲା କିଭଳି ଉତ୍କର୍ଷତା ହାସଲ କରିବ ସେ ନେଇ ସଚିବ ଆଲୋଚନା କରି ମାର୍ଗଦର୍ଶନ ଦେଇଥିଲେ। ଶିକ୍ଷାର ଉନ୍ନତି ପାଇଁ ସମସ୍ତଙ୍କୁ ଏକ ଟିମ୍ ଭାବେ କାମ କରିବାକୁ ଆହ୍ୱାନ ଦେଇଥିଲେ। ଜାତୀୟ ଉପଲବ୍ଧି ସର୍ବେକ୍ଷଣ ଓ ଏଲ୍‌ପିଡି ବିଷୟରେ ବିସ୍ତୃତ ଆଲୋଚନା କରି ଛାତ୍ରୀଛାତ୍ରଙ୍କ ଶିକ୍ଷଣ ସ୍ତର ବୃଦ୍ଧି ନିମନ୍ତେ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଉପଯୁକ୍ତ ସହାୟତା ଦେବାପାଇଁ ଜିଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ସଚିବ ଆଶ୍ୱଥି ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଆଞ୍ଚଳିକ ନିର୍ଦ୍ଦେଶକ ବିକାଶ କୁମାର ପ୍ରଧାନ, ଓପେପା ଅତିରିକ୍ତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସ୍ୱାଇଁ, ଯୁଗ୍ମସଚିବ ପ୍ରତିଭା ଦୋରା, ଜିଲା ଶିକ୍ଷାଧିକାରୀ ମୀନାରାଣୀ ମଙ୍ଗଳ, ଏଡିଇଓଙ୍କ ସମେତ ସମସ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ, ସର୍ବଶିକ୍ଷା ଅଭିଯାନର ବିଭିନ୍ନ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ଗୁରୁବାର ଶିକ୍ଷା ସଚିବ ଜମନକିରା ବ୍ଲକର ଉଚ୍ଚବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ସମେତ ବିଭିନ୍ନ ସରକାରୀ ବିଦ୍ୟାଳୟରେ ଚାଲିଥିବା ରୂପାନ୍ତରିତ କାର୍ଯ୍ୟ ଓ ସମଗ୍ର ଶିକ୍ଷାର କାର୍ଯ୍ୟକାରିତା ଉପରେ ପର୍ଯ୍ୟବେକ୍ଷଣ କରିଥିଲେ। ସେହିପରି ସମ୍ବଲପୁର ଜିଲା ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯୁଗ୍ମ ସଚିବ ପ୍ରତିଭା ଦୋରା ମଧ ରେଢ଼ାଖୋଲ ଓ ଧନକଉଡ଼ା ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଥିଲେ।

# ବିନା ମାନସିକ ଚାପରେ ଶିକ୍ଷାଦାନ ତାଲିମ

**ସମ୍ବଲପୁର,୯।୯(ବ୍ୟୁରୋ)**

ଛାତ୍ରୀଛାତ୍ରଙ୍କୁ ମାନସିକ ଚାପମୁକ୍ତ କରି ଶିକ୍ଷାଦାନ କରିବାର ସମୟ ଆସିଛି। ଏଥିପ୍ରତି ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯତ୍ନବାନ ହେବାର ଆବଶ୍ୟକତା ରହିଛି। ଖେଳକୁଦ ସହ ମନୋରଞ୍ଜନ ମାଧ୍ୟମରେ ଶିକ୍ଷାଦାନ କଲେ ଛାତ୍ରୀଛାତ୍ର ପାଠପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରିବେ। ମାନସିକ ଚାପମୁକ୍ତ ହୋଇ ସେମାନେ ପାଠପଢ଼ାରେ ମନଦେବେ। ଏହା ଉପରେ ଗୁରୁତ୍ୱ ଦେବାକୁ ଯୁଯୁମୁରା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ପ୍ରାରମ୍ଭ କାର୍ଯ୍ୟକ୍ରମରେ ତାଲିମ ଦାତାମାନେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଯୁଯୁମୁରା ବ୍ଲକ କସ୍ତୁରବା ଗାନ୍ଧୀ ମାତୃନିକେତନ ଜୟନ୍ତପୁର ହାଇସ୍କୁଲ ଓ ଯୁଯୁମୁରା ହାଇସ୍କୁଲରେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୨୦ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେଇଥିଲେ। ପର୍ଯ୍ୟାୟକ୍ରମେ ବ୍ଲକର ସମସ୍ତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେବେ ବୋଲି ସୂଚନା ଦିଆଯାଇଛି । ଦାୟିତ୍ୱରେ ଥିବା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିକାଶ ମିଶ୍ର, ଯୁଯୁମୁରା ହାଇସ୍କୁଲର ପ୍ରଧାନ ଶିକ୍ଷକ କୁଳଧର ପ୍ରଧାନ, ଜ୍ଞାନେନ୍ଦ୍ର ପ୍ରଧାନ, ଉମାଶଙ୍କର ପ୍ରଧାନ, ମମତା ମିଶ୍ର ତାଲିମ ଦେଇଥିଲେ। ସେହିପରି ଜୟନ୍ତପୁର ହାଇସ୍କୁଲରେ ପ୍ରଧାନ ଶିକ୍ଷକ ବିନାୟକ ମହାପାତ୍ର, ଅକ୍ଷୟ ସାଗର ବେହେରା, ସିଦ୍ଧେଶ୍ୱର ବେହେରା, ବିଜୟ ପ୍ରଧାନ, ସତ୍ୟବାଦୀ ଟପୋ ତାଲିମ ଦେଇଥିଲେ।

# କଲେଜରେ ଜାତୀୟ ଶିକ୍ଷାନୀତି କର୍ମଶାଳା

**ନାକଟିଦେଉଳ,୯।୯(ଡି.ଏନ.ଏ.)**

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ଶିକ୍ଷାନୀତି ୨୦୨୦ ସମ୍ପର୍କରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏକର୍ମଶାଳାରେ ନାକଟିଦେଉଳ କନିଷ୍ଠ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼. ଉଦୟନାଥ ଗଡ଼ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟର ସହଯୋଗ ନ ରହିଲେ ଜାତୀୟ ଶିକ୍ଷା ନୀତି ସଫଳ ହୋଇପାରିବ ନାହିଁ ବୋଲି କହିଥିଲେ। ରେଢାଖୋଲ ଭୀମ ଭୋଇ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପ୍ରଧ୍ୟାପକ ମନୋରଞ୍ଜନ ମହନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷକ ସାଧକ ହେବା ଉଚିତ ଓ ଶିକ୍ଷା ଯୁଗ୍ମ ତାଲିକାରେ ଥିବାରୁ ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ ହେବାରେ କଷ୍ଟକର ହେଉଛି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧ୍ୟାପକ ଡ଼.ଦିପେନ କୁମାର ପଟ୍ଟନାୟକ ଯୋଗଦେଇ ଶିକ୍ଷାର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଦେବେଶ ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଓ ଅଧ୍ୟାପକ ଶେଷଦେବ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଆଦିବାସୀ କଲ୍ୟାଣ ସଂଘର ଅଧିକାର ଦିବସ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**କୁଚିଣ୍ଡା,୯।୯(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ବାଙ୍କେ ପଞ୍ଚାୟତ ସଭାଗୃହଠାରେ ଶୁକ୍ରବାର ସମ୍ବଲପୁର ଜିଲା ଆଦିବାସୀ କଲ୍ୟାଣ ସଂଘ ଆନୁକୂଲ୍ୟରେ ଅଧିକାର ଦିବସ ପାଳିତ ହୋଇଯାଇଛି। ଜିଲା ଉପସଭାପତି କରୁଣାକର କିଷାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଭଗବାନ ଦଣ୍ଡପାଟ ମୁଖ୍ୟଅତିଥି, ଆଦିବାସୀ କଲ୍ୟାଣ ମହାସଂଘ ରାଜ୍ୟ କାର୍ଯ୍ୟକାରୀ ସଭାପତି ଭଦ୍ରଚରଣ କିଷାନ ମୁଖ୍ୟବକ୍ତା ଓ କୁଚିଣ୍ଡା ବ୍ଲକ ସଭାପତି ମନରଥ ମାଝି, ବାଙ୍କେ ସରପଞ୍ଚ ପିଙ୍କି ନାଏକ, ଜନ କେର୍କେଟା, ବ୍ଲକ ସମ୍ପାଦକ ଲମ୍ବୋଦର କୁମୁରା, ପଞ୍ଚାୟତ ସଭାପତି ରାଜେଶ କିଷାନ, ସମ୍ପାଦକ ପ୍ରମୋଦ କିଷାନ, ଜିଲା ଉପଦେଷ୍ଟା ଯୋଗେଶ୍ୱର ପଟ୍ଟା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଦିବାସୀଙ୍କ ପରମ୍ପରା, ସମ୍ବିଧାନ ଓ ଆଇନଗତ ଅଧିକାର ଉପରେ ଆଲୋଚନାକରି ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ସଭାରେ ଆଖପାଖ ଅଞ୍ଚଳର ଶତାଧିକ ମହିଳାପୁରୁଷ ଆଦିବାସୀ ଯୋଗଦାନ କରିଥିଲେ। ଶେଷରେ ରାଜେଶ କିଷାନ ଧନ୍ୟବାଦ ଦେଇଥିଲେ।

# ହକି ବିଶ୍ୱକପ୍ ପାଇଁ ପ୍ରଶାସନିକ ପ୍ରସ୍ତୁତି

**ରାଉରକେଲା ଅଫିସ,୯।୯**



ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀବୃନ୍ଦ।

ରାଉରକେଲା ମହାନଗର ନିଗମ କାଉନସିଲ ହଲ୍‌ରେ ଶୁକ୍ରବାର ହକି ବିଶ୍ୱକପ୍ ପାଇଁ ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୁନ୍ଦରଗଡ ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲି, ଆରଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ର, ଅତିରିକ୍ତ କମିଶନର ସୁଧାଂଶୁ ଶେଖର ଭୋଇ ଓ ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ କୁମାର ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ରାଉରକେଲାରେ ହେବାକୁ ଯାଉଥିବା ବିଶ୍ୱକପ୍ ପୁରୁଷ ହକିକୁ କିଭଳି ଅଧିକ ଆକର୍ଷଣୀୟ କରିହେବ ସେ ନେଇ ଜିଲାର ବିଭିନ୍ନ କ୍ରୀଡା ସଙ୍ଗଠନ ଓ ବରିଷ୍ଠ ଖେଳାଳିଙ୍କ ମତାମତ ଓ ସହଯୋଗ କାମନା କରାଯାଇଥିଲା। ଏଥିସହ ଏହି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଗାଁରୁ ସହର ପର୍ଯ୍ୟନ୍ତ କିପରି ବିଭିନ୍ନ ପ୍ରକାର କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇପାରିବ ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଜନସାଧାରଣଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ। ବିଶ୍ୱକପ୍‌କୁ ଆକର୍ଷଣୀୟ କରିବା ପାଇଁ ଏକ ଥିମ୍ ସଙ୍ଗ୍ ପ୍ରସ୍ତୁତି, ଅଡ଼ିଓ ଭିଡିଓ ଭିଜୁଆଲ ଭ୍ୟାନ ମାଧ୍ୟମରେ ଜିଲାବ୍ୟାପୀ ସଚେତନତା ଆଦି ବିଷୟରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା।

# ସ୍ୱାଧୀନତା ସଂଗ୍ରାମୀ ଶହୀଦ ଗଣେଶ ଉପାଧ୍ୟାୟଙ୍କ ଜୟନ୍ତୀ

**ଝାରସୁଗୁଡ଼ା ଅଫିସ,୯।୯**

ଝାରସୁଗୁଡ଼ାର ଏକ ହୋଟେଲରେ ୟଙ୍ଗ ଷ୍ଟାର୍ସ ଚାରିଟେବୁଲ ଟ୍ରଷ୍ଟ ଓ ଶହୀଦ ଗଣେଶ ଉପାଧ୍ୟାୟ ସ୍ମୃତି କମିଟି ମିଳିତ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଗଣେଶ ଉପାଧ୍ୟାୟଙ୍କ ୨୧୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ଉନ୍ନୟନ ଅଧିକାରୀ ତପିରାମ ମାଝି ମୁଖ୍ୟଅତିଥି ଓ ଓଡିଶା ସଶସ୍ତ୍ର ବାହିନୀର ଦୁର୍ଗପତି ଆଶିଷ ଦୁବେ, ପାଶ୍ଚିମାଞ୍ଚଳ ବରିଷ୍ଠ ନାଗରିକ ସଂଘ ସଭାପତି ଟହଲୁ ସାହୁ, ବ୍ରାହ୍ମଣ ସମାଜ ସଭାପତି ପୂର୍ଣ୍ଣ ଚନ୍ଦ୍ର ମାଫିଦାର, ଶହୀଦ ଗଣେଶ ଉପାଧ୍ୟାୟଙ୍କ ଦାୟାଦ ମୀନା କୁମାରୀ ଉପାଧ୍ୟାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ଟ୍ରଷ୍ଟର ନିର୍ଦ୍ଦେଶକ ବିବେକାନନ୍ଦ ମିଶ୍ର ଅତିଥି ପରିଚୟ ଓ ସଭାପତି ଇଂ ଅରବିନ୍ଦ ବାରିକ ସଭାପତିତ୍ୱ କରିଥିଲେ। ଅତିଥିମାନେ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ଟ୍ରଷ୍ଟ କର୍ମକର୍ତ୍ତା ବିଜୟ ସାଇଗଲ, ସମୀର ରଞ୍ଜନ ଦାସ, ଆଭାସ ଦୀକ୍ଷିତ, ଆଲୋକ ଚନ୍ଦ୍ର ପାଣିଗ୍ରାହୀ, ପ୍ରଶାନ୍ତ ଭଇଁସା ଉପସ୍ଥିତ ରହି ସହଯୋଗ କରିଥିଲେ।




ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଗ୍ରାମବାସୀ ତିଆରି କଲେ କାଠପୋଲ

## ପ୍ରଶାସନ ଶୁଣିଲାନି

**ସମ୍ବଲପୁର/ନାକଟିଦେଉଳ,୯।୯ (ବ୍ୟୁରୋ/ଡି.ଏନ.ଏ.)**



ନାଳ ଉପରେ ପୋଲ ତିଆରି କରୁଛନ୍ତି ଗ୍ରାମବାସୀ।

ବିକଶିତ ହେଉଛି ଦୁର୍ଗମ ଅଞ୍ଚଳ। ଏଭଳି ନାରା ଦେଉଛନ୍ତି ସରକାର। ହେଲେ ବାସ୍ତବ ଚିତ୍ର ଭିନ୍ନ। ସାମାନ୍ୟ ନାଳ ଉପରେ ପୋଲ ନିର୍ମାଣ ପାଇଁ ଲୋକେ ସ୍ଥାନୀୟ ଲୋକପ୍ରତିନିଧିଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ କେହି ଶୁଣି ନ ଥିଲେ। ଶେଷରେ ଗ୍ରାମବାସୀ ନିଜ ଉଦ୍ୟମରେ କାଠରେ ଅସ୍ଥାୟୀ ପୋଲ ନିର୍ମାଣ କରି ଉଦାହରଣ ସୃଷ୍ଟି କରିଛନ୍ତି। ଏଭଳି ଚିତ୍ର ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅଞ୍ଚଳରେ।

ଏହି ବ୍ଲକ ଅନ୍ତର୍ଗତ ବଳମ ପଞ୍ଚାୟତର ଧଳତଇଲା-ମହକୁଦ ରାସ୍ତାରେ ରହିଛି ଅନକାବୁଡ଼ା ନାଳ। ଏହି ରାସ୍ତା ଉପରେ ଆଖପାଖ ଧଳତଇଲା, ଡ଼ିମିରିକୁଦା, ରଞ୍ଜା, ଗଞ୍ଜାବାହାଲ ଓ ବେତଝରଣ ଗ୍ରାମର ପ୍ରାୟ ୩ହଜାର ଲୋକ ନିର୍ଭର କରିଥାନ୍ତି। ସେମାନେ ବ୍ଲକ ମୁଖ୍ୟାଳୟଠାରୁ ଆରମ୍ଭ କରି ଡ଼ାକ୍ତରଖାନା, ତହସିଲ ଅଫିସକୁ ଏହି ରାସ୍ତାଦେଇ ଯାଇଥାନ୍ତି। ସ୍କୁଲ କଲେଜ ଛାତ୍ରୀଛାତ୍ର ମଧ ନାଳ ପାରି ହୋଇ ଯାଆନ୍ତି। ବିଶେଷ କରି ବର୍ଷାଦିନେ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଥାଏ। ନାଳ ଉପରେ ପୋଲ ହେଲେ ୯କି.ମି. ଦୂରତା ଅତିକ୍ରମ କରି ସେମାନେ ବ୍ଲକ ଅଫିସରେ ପହଞ୍ଚି ପାରନ୍ତେ। ହେଲେ ପୋଲ ନ ଥିବାରୁ ସେମାନଙ୍କୁ ୧୯କି.ମି.ରାସ୍ତା ବୁଲି ବ୍ଲକକୁ ଯିବାକୁ ପଡୁଛି। ବାରମ୍ବାର ଗୁହାରି କରିବା ସତ୍ତ୍ୱେ ସୁଫଳ ନ ମିଳିବାରୁ ଉପରୋକ୍ତ ୫ ଗ୍ରାମର ଲୋକେ ନାଳ ଉପରେ କାଠପୋଲ ନିର୍ମାଣ କରିବାକୁ ଯୋଜନା କରିଥିଲେ। ଶେଷରେ ନିଜେ ଶ୍ରମଦାନ କରି ୧୫୦ ମିଟର ଲମ୍ବ ଓ ୫ ଫୁଟ ଦୈର୍ଘ୍ୟରେ ପୋଲ ନିର୍ମାଣ କରିଛନ୍ତି। ଏହି ଘଟଣା ପ୍ରଚାର ହେବା ପରେ ଗ୍ରାମବାସୀ ଓ ସେମାନଙ୍କୁ ସହଯୋଗ କରିଥିବା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ରଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି। ଏ ସମ୍ପର୍କରେ ଭାଜପା ନେତା ମହାପାତ୍ର କହିଛନ୍ତି ଯେ, ଅନକାବୁଡ଼ା ନାଳ ଉପରେ ପୋଲଟିଏ ନିର୍ମାଣ ପାଇଁ ଲୋକେ ଦାବି କରିଆସୁଥିଲେ ମଧ କେହି ଶୁଣି ନ ଥିଲେ। ଫଳରେ ବାଧହୋଇ ୫ଖଣ୍ଡ ଗ୍ରାମର ଜନସାଧାରଣ ଦିନତମାମ ଶ୍ରମଦାନ କରି କାଠପୋଲ ନିର୍ମାଣ କରିଛନ୍ତି। ଆଗକୁ ସ୍ଥାୟୀ ପୋଲ ନିର୍ମାଣ ନ ହେଲେ ଏହା ଜନ ଆନ୍ଦୋଳନରେ ପରିଣତ ହେବ। ଭାଜପା ପକ୍ଷରୁ ରାସ୍ତାରୋକୋ ଭଳି ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ନାକଟିଦେଉଳ ବିଡିଓ ବିବେକାନନ୍ଦ ସାହୁ କହିଛନ୍ତି, ଉକ୍ତ ଗ୍ରାମଗୁଡିକୁ ବିକଳ୍ପ ରାସ୍ତା ରହିଛି। ଆରଡି ବିଭାଗ ପକ୍ଷରୁ ନିର୍ମାଣ କରାଯାଇଛି। ନାଳ ଉପରେ ପୋଲ ନିର୍ମାଣ ହେଲେ ରାସ୍ତାର ଦୂରତା କମିଯିବ ବୋଲି କହୁଛନ୍ତି। ଏ ଦିଗରେ ଆମ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ। ଲୋକଙ୍କ ସମସ୍ୟା ସମାଧାନ ପାଇଁ କାମ କରାଯିବ ବୋଲି କହିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୦ ସେପ୍ଟେମ୍ବର, ୨୦୨୨



### ଡାକ୍ତରଙ୍କ ଡେପୁଟେସନ ବାତିଲ ନେଇ ଦାବିପତ୍ର

ଜୁନାଗଡ,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ସ୍ୱତ୍ତେ ମଧ କାର୍ଯ୍ୟରତ ଡାକ୍ତର ପ୍ରହ୍ଲାଦ ନାଏକଙ୍କୁ ଧର୍ମଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେସନ କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିସ୍ଥଳେ ଡାକ୍ତର ନାଏକଙ୍କ ଡେପୁଟେସନ ବାତିଲ କରାଯିବା ଦାବି ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଉଦ୍ଦେଶରେ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡାଙ୍କୁ ସ୍ଥାନୀୟ ସାମ୍ବାଦିକ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ଡମ୍ବ ସମାଜର ନୂଆଁଖାଇ ଭେଟ୍‌ଘାଟ୍

କୋକସରା,୯।୯(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ଗାଁ ଆଦର୍ଶ ଡ଼ମ୍ବ ସମାଜ ପକ୍ଷରୁ ସ୍ଥାନୀୟ ଠାକୁରପଡାରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିମା ଆଦର୍ଶ ଡ଼ମ୍ବ ସମାଜ ସଭାପତି ଧୀରେନ୍ଦ୍ର ନାଥ ଠାକୁରଙ୍କ ନେତୃତ୍ୱରେ ସମ୍ପାଦକ ପୁରୁଷୋତ୍ତମ ନାଏକ, କୋଷାଧକ୍ଷ ସନ୍ତୋଷ କୁମାର ନାଏକ, ରଣଜିତ ମହାନନ୍ଦଙ୍କ ପ୍ରୟାସରେ ନୂଆଁଖାଇ ଭେଟ୍‌ଘାଟ୍ ଆୟୋଜନ ହୋଇଥିଲା। ଇଷ୍ଟଦେବୀ ମା' ସମଲେଇଙ୍କଠାରେ କୁରେଇ ପତରରେ ନୂଆ ଚୁଡା ଏବଂ ନୂଆ ଧାନ ପୂଜା ପାଠ କରିବା ପରେ ସମସ୍ତେ ଏକାଠି ହୋଇ ନବାନ୍ନ ଭକ୍ଷଣ କରିଥିଲେ। ନୂଆଁଖାଇ ପରେ ସାନମାନେ ବଡ଼ମାନଙ୍କୁ ଜୁହାର କରିଥିବା ବେଳେ ବଡ଼ମାନେ ଛୋଟମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ପରେ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ମହିଳାଙ୍କ ମଧରେ ଝୋଟି, ହୁଳହୁଳି, ଯୁବକ ଯୁବତୀମାନଙ୍କୁ ନେଇ ହାଣ୍ଡି ଫଟା, ନୃତ୍ୟ ପ୍ରତିଯୋଗିତା ତଥା ଅନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ଡମ୍ବ ସମାଜ ପକ୍ଷରୁ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ପୁରୁସ୍କାର ପ୍ରଦାନ କରିଥିବା ବେଳେ ଡମ୍ବ ସମାଜର ଭୁବନେଶ୍ୱର ନାଏକ, ଲିଙ୍ଗରାଜ ନାଏକ, ଡମୱରୁଧର ଠାକୁର, ହଳଧର ନାଏକ, ହେମ ନାଏକ, ମହେଶ୍ୱର ନାଏକ, ଜେଜେରାମ ଠାକୁର, ବିଦ୍ୟାଧର ବାଗ ତଥା ଅନ୍ୟାନ୍ୟ କର୍ମ କର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

### ଗଣେଶପୂଜା ଉପଲକ୍ଷେ ଚାଲିଥିବା ପ୍ରବଚନ ଉଦ୍‌ଯାପିତ

ବେହେରା,୯।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଗ୍ରାମରେ ଗଣେଶ ପୂଜା ଅବସରରେ ୭ଦିନ ଧରି ଚାଲିଥିବା ପ୍ରବଚନ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପୂଜକ ଭାବେ ବେହେରା ଜଗନ୍ନାଥ ମନ୍ଦିର ପୂଜକ ମୋହନ ତିୱାରୀ, କର୍ତ୍ତା ଗୁଣନିଧୀ ନାଗ, ସୁନୀତା ନାଗ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ୩ ତାରିଖଠାରୁ ୭ ଦିନ ଧରି ଶିବ ପୁରାଣ ପାଠ ଓ ପ୍ରବଚନ ଆଶିର୍ବାଦ ଜୀ ମହାରାଜ ଦ୍ୱାରା ହେଉଥିବା ବେଳେ ସନ୍ଧ୍ୟା ୬ରୁ ରାତ୍ର ୯ଟା ଯାଏ ଶହଶହ ଭକ୍ତ ପ୍ରବଚନ ଶ୍ରବଣ କରି ମନ୍ତ୍ରମୁଗ୍ଧ ହୋଇଥିଲେ। ବେହେରା ବଣିକ ସଂଘ ଦ୍ୱାରା ପ୍ରତିବର୍ଷ ଗଣେଶ ପୂଜା ଅବସରରେ ଏପରି ପ୍ରବଚନ କାର୍ଯ୍ୟକ୍ରମ ଅଞ୍ଚଳବାସୀ ପ୍ରଶଂସା କରିବା ସହ ଆୟୋଜକ କମିଟି ଧନ୍ୟବାଦ ଦେଇଛନ୍ତି। ପ୍ରତିଦିନ ଗଣେଶ ଅଗ୍ରୱାଲ ଓ ସାଥୀଙ୍କ ଦ୍ୱାରା ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ହେଉଥିବା ବେଳେ କାର୍ଯ୍ୟକ୍ରମ ବବଲୁ ଅଗ୍ରୱାଲ, ଅନିଲ ପଣ୍ଡା, ତ୍ରିଲୋକ ନାଥ ସିଂହ, ଅଜୟ ତିୱାରୀ, ପୂର୍ଣ୍ଣଚନ୍ଦ୍ର ସାହୁ, ଭୁପେଶ ତିୱାରୀ, ଚନ୍ଦ୍ରକାନ୍ତ ରଣା, କାହ୍ନା ଭୋଇ, ଭୁବନେଶ୍ୱର କାଣ୍ଡ, ହୀରାଧର ପଟେଲ, ଗୌରଚନ୍ଦ୍ର ବାଗ ତଥା ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ଶନିବାର ଗଣେଶଙ୍କ ମୂର୍ତ୍ତି ବିସର୍ଜନ ସହ ପୂର୍ଣ୍ଣାହୁତି ହେବ।

# ରାଜ୍ୟ ଶିଶୁ ସୁରକ୍ଷା ଅଧିକାରୀଙ୍କ ତଦନ୍ତ

### ନେହେନା ଆଶ୍ରମ ବିଦ୍ୟାଳୟର ଶିଶୁ ମୃତ୍ୟୁ ଘଟଣା

ଖଡ଼ିଆଳ,୯।୯(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ଆଶ୍ରମର ଶିଶୁ ଶିବାନୀ ଭୋଇ (୮)ମୃତ୍ୟୁ ଘଟଣାର ତଦନ୍ତ କରିଛନ୍ତି ରାଜ୍ୟ ଶିଶୁ ସୁରକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ପ୍ରଧାନ। ଗୁରୁବାର ରାଜ୍ୟ ଶିଶୁ ସୁରକ୍ଷା ଅଧିକାରୀ ତଥା ଜାତୀୟ ଶିଶୁ ସୁରକ୍ଷା ପରିଷଦ ପକ୍ଷରୁ ଏକ ପ୍ରତିନିଧି ଦଳ ଆଶ୍ରମ ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ, ମେଟ୍ରନ, ତଥା ଅନ୍ୟ କର୍ମଚାରୀ, ପରିଚାଳନା କମିଟି, ନେହେନା ସରପଞ୍ଚଙ୍କୁ ଭେଟି ଘଟଣାର ତଦନ୍ତ କରିଥିଲେ। ସନ୍ଧ୍ୟାରେ ମହୁଲକୋଟ ଗାଁକୁ ଯାଇ ମୃତ ଶିବନୀଙ୍କ ମା'ବାପା ଓ ଆଶ୍ରମରେ ପଢୁଥିବା ବଡଭଉଣୀଙ୍କୁ ଭେଟିଥିଲେ। ଦୋଷୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ସହ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ


ଖଡ଼ିଆଳ ବ୍ଲକ ନେହେନା ଆଶ୍ରମରେ ତଦନ୍ତ ବେଳେ ଉପସ୍ଥିତ ଅଧିକାରୀମାନେ।

ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତରେ ଜାତୀୟ ସୁରକ୍ଷା ପରିଷଦର ସଦସ୍ୟ ଏସ. ବାଗଚି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଏମ କେ ମୁଣ୍ଡା, ଜିଲା ମଙ୍ଗଳ ଅଧିକାରୀ ନନ୍ଦ କିଶୋର ତାଣ୍ଡି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କ୍ଷଣପ୍ରଭା ପାଣିଗ୍ରାହୀ ପ୍ରମୁଖ ସାମିଲ ହୋଇଥିଲେ। ରାଜ୍ୟ ଶିଶୁ ସୁରକ୍ଷା ଅଧିକାରୀ ପ୍ରଧାନ ସ୍ଥାନୀୟ ସରପଞ୍ଚ ଅଶୋକା ଦଣ୍ଡସେନା, ପରିଚାଳନା କମିଟି ସଦସ୍ୟ ଓ ଶିକ୍ଷକମାନଙ୍କଠାରୁ ଆଶ୍ରମ ବିଦ୍ୟାଳୟ ବିଭିନ୍ନ ସମସ୍ୟା ଉପରେ ବୁଝି ତାର ତୁରନ୍ତ ସମାଧାନ ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶକ ଦେଇଥିଲେ। ଆଶ୍ରମ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ସୂଚନା ଯେ, ଗତ ଅଗଷ୍ଟ ୩ ତାରିଖରେ ନେହେନା ଆଶ୍ରମରେ ପ୍ରଥମ ଶ୍ରେଣୀର ଛାତ୍ରୀ ଶିବାନୀ ଭୋଇ (୮)ଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ନିରପେକ୍ଷ ତଦନ୍ତ ଦାବିରେ ରାସ୍ତା ଅବରୋଧ କରିଥିଲେ। ନୂଆପଡା ଅତିରିକ୍ତ ଜିଲାପାଳ, ଜିଲା ମଙ୍ଗଳ ଅଧିକାରୀ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଖଡ଼ିଆଳ ବିଡ଼ିଓ, ଖଡ଼ିଆଳ ଥାନାଧିକାରୀ ବିଭିନ୍ନ ସମୟରେ ତଦନ୍ତ କରିଛନ୍ତି।

# ଜିଲା ସରପଞ୍ଚ ସଂଘର କାର୍ଯ୍ୟକାରିଣୀ ବୈଠକ



ଅନୁଷ୍ଠିତ ବୈଠକରେ ଉପସ୍ଥିତ ସରପଞ୍ଚମାନେ।

କେସିଙ୍ଗା,୯।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଅମଲା ଭାବନ ପରିସରରେ ଜିଲା ସରପଞ୍ଚ ସଂଘର ସଭାପତି ସୁବୋଧ ରଣାଙ୍କ ନେତୃତ୍ୱରେ ଶୁକ୍ରବାର ଏକ ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା ସରପଞ୍ଚ ସଂଘ ଆଗାମୀ ଦିନରେ ସଂଗଠନକୁ ମଜଭୁତ କରିବା ପାଇଁ ଏକ ବ୍ଲ୍ୟୁ ପ୍ରିଣ୍ଟ କରାଯାଇଛି। ଚଳିତ ମାସରେ ଜିଲାର ସମସ୍ତ ସରପଞ୍ଚ ଏକଜୁଟ ହୋଇ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ କରାଯିବା ପାଇଁ ପ୍ରସ୍ତାବ ଅନୁମୋଦନ କରାଯାଇଛି। ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ବିଭିନ୍ନ ଉନ୍ନୟନ ମୂଳକ ଠିକ ଭାବେ କରାଯିବା ସହିତ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଉପସଭାପତି ନକୁଳ ନାଏକ, ତାରା ଶଙ୍କର ରାୟଗୁରୁ, ସମ୍ପାଦକ ଗୋବିନ୍ଦ ସାହୁ, କୋଷାଧ୍ୟକ୍ଷ ରୋମାଞ୍ଚଳ ସାହୁ, ଦିଗାମବାର ଲୁହାଙ୍କ ସମେତ ଜିଲାର ୧୩ ବ୍ଲକର ସମସ୍ତ ସରପଞ୍ଚ ଉପସ୍ଥିତ ରହି ସମସ୍ୟା ଉତ୍ଥାପନ କରିଥିଲେ।

# ତୃଣମୂଳସ୍ତରରେ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ


ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

### ଭାଜପାର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ

ଜୁନାଗଡ,୯।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଆରଏମସିଠାରେ ଶୁକ୍ରବାର ଭାଜପାର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଯୋଗଦେଇ ସମସ୍ତଙ୍କୁ ନୂଆଁଖାଇର ଶୁଭେଚ୍ଛା ଜଣାଇବା ସହ ତୃଣମୂଳସ୍ତରରେ ସଙ୍ଗଠନକୁ ମଜଭୁତ୍ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ଜିଲା ସଭାନେତ୍ରୀ ନିରୁପମା ନାଏକ, ଜିଲା ଉପସଭାପତି ଅଜୟ ପାଣିଗ୍ରାହୀ, କାଳୀପ୍ରସାଦ ରାୟଗୁରୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ବକ୍ସିତୁଲସୀପାଲି ସରପଞ୍ଚ ଦିବ୍ୟ ଦୀପ, ଜିଲା ସମ୍ପାଦିକା କାଞ୍ଚନ ବାଗ, ବରିଷ୍ଠ ସଭ୍ୟ ସତ୍ୟନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ମୋଦି ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ଓ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପ୍ରତି ବୁଥ୍ କମିଟିକୁ ମଜଭୁତ କରିବା ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଲକ୍ଷ୍ମୀ ନାରାୟଣ ବାଣୁଆ ପରିଚାଳନା କରିଥିବା ବେଳେ ସ୍ଥାନୀୟ ନଗର ସଭାପତି ଶିବରାମ ରାଉତ ଧନ୍ୟବାଦ ଦେଇଥିଲେ।

# ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

କୋକସରା,୯।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଗ୍ରାମରେ ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୀତାମ୍ବର ମାଝି (୪୦)। ଶୁକ୍ରବାର ପୀତାମ୍ବର ଚାଷଜମିରେ କୀଟନାଶକ ସିଞ୍ଚନ କରିବାକୁ ଯାଇଥିଲେ। ସେଠାରେ ଏକ ବିଷାକ୍ତ ସାପ କାମୁଡିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ କୋକସରା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। କୋକସରା ପୋଲିସ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରି ତଦନ୍ତ ଜାରି ରଖିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୭/୨୨) ରୁଜୁ ହୋଇଥିବା ମହିଳା ଥାନା ସବଇନିସ୍ପେକ୍ଟର କୁମାରି ସତନାମି ସୂଚନା ଦେଇଛନ୍ତି।

# ପାକ୍ସ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଲମ୍ବିତ, ଡାଟା ଏଣ୍ଟ୍ରି ଅପରେଟର ବହିଷ୍କୃତ

ଭବାନୀପାଟଣା,୯।୯(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଖଇରପଦର ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ରେ ଚାଷୀଙ୍କ ନାମ ପଞ୍ଜୀକରଣରେ ଅନିୟମିତା କରିଥିବା ନେଇ ସ୍ଥାନୀୟ ମୁଖ୍ୟ କାର୍ଯ୍ୟ ନିର୍ବାହୀ ହରିଶଙ୍କର ବାଗଙ୍କୁ ନିଲମ୍ବିତ କରାଯାଇଛି। ସେହିପରି ଉକ୍ତ ପାକ୍ସର ଡାଟା ଏଣ୍ଟ୍ରି ଅପରେଟର ଦିଗାମ୍ବର ପୁଞ୍ଜିଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବା ଜଣାପଡିଛି। ଏହି ପାକ୍ସ ଅଧୀନରେ ଥିବା ୫୫ଜଣ ଚାଷୀଙ୍କ ଖରିଫ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣରେ ଅନିୟମିତତା କରିବା ପରେ ଧର୍ମଗଡ ଏଆର୍‌ସିଏସ୍ ଭିକାରୀ ଚରଣ ସେଠ ଉଭୟଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ୨ କର୍ମଚାରୀଙ୍କ ଅବହେଳା ଯୋଗୁ ଖରିଫ୍ ମଣ୍ଡିରେ ଧାନ ବିକ୍ରିରେ ୫୫ଜଣ ଚାଷୀ ବଞ୍ଚିତ ହେବେ।

# ସିଟିଜେନ ଫୋରମର ସାଧାରଣ ବୈଠକ



ସିଟିଜେନ ଫୋରମ ପକ୍ଷରୁ ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ଏମ୍‌ପିଙ୍କୁ ୪ ଦଫା ଦାବିପତ୍ର ପ୍ରଦାନ

ଜୁନାଗଡ,୯।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଆର୍‌ଏମ୍‌ସି ସଭାଗୃହରେ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ସିଟିଜେନ ଫୋରମର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫୋରମର ସଭାପତି ଅଶୋକ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବେ ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ଫୋରମ୍‌ର ସମ୍ପାଦକ ବିଜୟ ବେହେରା, ସାମ୍ବାଦିକ ସଂଘ ସଭାପତି ହିମାଂଶୁ ଶେଖର ବରାଡ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଫୋରମ୍ ପକ୍ଷରୁ ଏକ ୪ଦଫାର ଦାବିପତ୍ର ଏମପିଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ଜୁନାଗଡ ସହରରେ ବାଏପାସ ରାସ୍ତା ନିର୍ମାଣ, ଇସ୍ପାତ ଟ୍ରେନକୁ ଜୁନାଗଡକୁ ୨ ଦିନ ସମ୍ପ୍ରସାରଣ ଦାବି, କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଓ ବିଶାଖାପାଟଣାରୁ ଜୁନାଗଡକୁ ସିଧାସଳଖ ରେଳ ସଂଯୋଗ ଆଦି ଦାବି କରାଯାଇଛି। ବୈଠକରେ ଫୋରମର ଉପଦେଷ୍ଟା ଈଶ୍ୱର ପୂଝାରୀ, ଗଣମାଧମ ପରାମର୍ଶଦାତା ଯୁଗୋଲ କିଶୋର ନାଏକ, ଆଇନଜୀବୀ ଜଗବନ୍ଧୁ ନାଏକ, ଭୁବନେଶ୍ୱର ସାହୁ ପ୍ରମୁଖ ଯୋଗଦେଇଥିଲେ। ଫୋରମର ସାଧାରଣ ସମ୍ପାଦକ ସନ୍ତୋଷ ସିଂଦେଓ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମଳୟ ମୁଣ୍ଡ ଧନ୍ୟବାଦ ଦେଇଥିଲେ।

# ଶିବରାମଙ୍କୁ ଓଡ଼ିଶା ପ୍ରତିଭା ସମ୍ମାନ ପ୍ରଦାନ

ଭବାନୀପାଟଣା,୯।୯(ସ୍ୱ.ପ୍ର.)

ବିଭିନ୍ନ ସାମାଜିକ ଉନ୍ନତିମୂଳକ ସଚେତନତା, ଶିକ୍ଷା ମୂଳକ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ତଥା ଦେଶର ଅନୁନ୍ନତ ଅଞ୍ଚଳରେ ଉନ୍ନତମାନ ଶିକ୍ଷାବ୍ୟବସ୍ଥା ସୃଷ୍ଟି କରିବାରେ ଶ୍ରେଷ୍ଠ ଅବଦାନ ପାଇଁ ଭବାନୀପାଟଣାସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ଅଧକ୍ଷ ତଥା ପ୍ରତିଷ୍ଠାତା ଶିବରାମ ନାୟକଙ୍କୁ ଓଡିଶା ପ୍ରତିଭା ସମ୍ମାନ ୨୦୨୨ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଅନୁଷ୍ଠିତ ଏକ ଉତ୍ସବରେ ତାଙ୍କୁ ସମ୍ମାନିତ କରାଯାଇଛି। ପ୍ରତିକାର ଚାରିଟେବୁଲ ଟ୍ରଷ୍ଟ ନିର୍ଦ୍ଦେଶକ ଶୁଭାଶିଷ ମିଶ୍ରଙ୍କ ତତ୍ତ୍ୱାବଧାନ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିକ୍ଷାବିତ ତଥା ଲେଖକ ଡ. ଫନୀ ମହାନ୍ତି, ଶ୍ରୀବଚ୍ଛ ପରିଡା, ବରିଷ୍ଠ ସାମ୍ବାଦିକ ଜତିନ ଦାସ, ବରିଷ୍ଠ ଲେଖକ ଘନ ପରିଡା ଓ ଓଡ଼ିଆ ଚଳଚ୍ଚିତ୍ର ଜଗତର ନାୟିକା ଶୀତଳ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ସମ୍ମାନ ସମଗ୍ର କଳାହାଣ୍ଡିବାସୀଙ୍କୁ ଉତ୍ସର୍ଗୀତ ବୋଲି ନାୟକ ପ୍ରତିକ୍ରିୟାରେ କହିଥିଲେ। ଏହି ଉତ୍ସବ ପ୍ରତିକାର ଚାରିଟେବୁଲ ଟ୍ରଷ୍ଟ ଓ ଏକ ଦୈନିକ ଖବର କାଗଜର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା।


ଶିବରାମ ନାୟକଙ୍କୁ ସମ୍ମାନିତ କରାଯାଉଛି।

# ଖୁଡୁପଡା ହେବ ରାଜସ୍ୱ ଗ୍ରାମ, ପ୍ରାକ ପ୍ରସ୍ତୁତି ବୈଠକ

ଜୁନାଗଡ,୯।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପିଲିକିଆ ପଞ୍ଚାୟତ ଖୁଡୁପଡା ଖୁବଶୀଘ୍ର ରାଜସ୍ୱ ଗ୍ରାମରେ ସାମିଲ ହେବାକୁ ଯାଉଛି। ପ୍ରଶାସନ ପକ୍ଷରୁ ଏହା ଜଣାପଡିବା ପରେ ସ୍ଥାନୀୟ ପଡାବାସୀଙ୍କ ମଧ୍ୟରେ ଏବେ ଉତ୍ସାହ ଦେଖିବାକୁ ମିଳିଛି। ଏ ନେଇ ଶୁକ୍ରବାର ରାଜସ୍ୱ ଗ୍ରାମ ପାଇଁ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁନାଗଡ ତହସିଲଦାର ବେଦବ୍ୟାସ ଭୋଇ, ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେର, ସ୍ଥାନୀୟ ସରପଞ୍ଚ ସଭ୍ୟାରାଣୀ ସୁନାନୀ, ଚିଚେଇଗୁଡା ସରପଞ୍ଚ ପରମେଶ୍ୱର ମେହେର, ଏଆରଆଇ ହରପ୍ରିୟା ଖମାରୀ, ଅମିନ ଟଙ୍କଧର ନାଏକ ପ୍ରମୁଖ ଯେଗାଦେଇଥିଲେ। ବର୍ତ୍ତମାନ ଖୁଡୁପଡାର ଜନସଂଖ୍ୟା ପାଖାପାଖି ୬୮୦ ରହିଥିବା ଜଣାପଡିଛି।

# ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା

ଖଡ଼ିଆଳ,୯।୯(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ରଥଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ସମ୍ମାନିତ ଅତିଥି ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ ଓ ବିଜ୍ଞାନ ଶିକ୍ଷକ ଗିରିଧାରୀ ସା ଯୋଗଦେଇଥିଲେ। ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ନୃତ୍ୟ ପ୍ରତିଯୋଗିତା ସଂଯୋଜନା କରିବା ସହିତ ଧନ୍ୟବାଦ ଦେଇଥିଲେ। ବିଚାରକ ଭାବେ ବିଶିଷ୍ଟ କଳାକାର ସୁକେଶ ପଟ୍ଟନାୟକ, ଲିଟିଲ ଷ୍ଟାର୍ ପବ୍ଲିକ ସ୍କୁଲ ଅଧକ୍ଷା ତଥା ନୃତ୍ୟ ଶିଳ୍ପୀ ସୁଦୀକ୍ଷିତା ଦାଶ ଓ ଖଡ଼ିଆଳ ଡ୍ୟାନ୍ସ ହବ ନିର୍ଦ୍ଦେଶକ ଦେବୀଲାଲ ସାହୁ ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ଜୟ କିଷାନ ଉଚ୍ଚ ବିଦ୍ୟାଳୟ ବରଗାଁ ପ୍ରଥମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାଦୀ ୨ୟ ଓ ନ୍ୟାଶନାଲ ହାଇସ୍କୁଲ ନୂଆପଡ଼ା ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାଳୟ ଜିଲାରୁ ପ୍ରତିନିଧିତ୍ୱ କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଶିକ୍ଷକ ସୁରବିଜୟ କାନ୍ତ ତାଣ୍ଡି, ଗୌରୀ ଶଙ୍କର ଦୁବେ, ପ୍ରଶାନ୍ତ କୁମାର ପଣ୍ଡା, ରତନ ସିଂ ବାରିକ, ନୀଳିମା ରାଣୀ ସାଗର, ପ୍ରଭୁଦତ୍ତ ପୁରୋହିତ, ରାଜଶ୍ରୀ ଦଣ୍ଡସେନା, ନିରଞ୍ଜନ ବିଶ୍ୱାଳ, ମହମ୍ମଦ କାଲାମ, ପୁଷ୍ପା ମହାପାତ୍ର, ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

# ଖଡ଼ିଆଳ ମହୋତ୍ସବ-୨୦୨୩ ପ୍ରସ୍ତୁତି ବୈଠକ

ଖଡ଼ିଆଳ,୯।୯(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ମହୋତ୍ସବ-୨୦୨୩ର ପ୍ରସ୍ତୁତି ବୈଠକ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା, ମହୋତ୍ସବ ଉପଦେଷ୍ଟା ତଥା ପ୍ରାକ୍ତନ ଅଧକ୍ଷ ନିମାଇଁ ଚରଣ ତାଣ୍ଡି, ସୁଧୀର କୁମାର ପଟ୍ଟନାୟକ, ଜଗବନ୍ଧୁ ବାରିକ, ମେଜର ଡ଼ା ରାମଚନ୍ଦ୍ର ମିଶ୍ର, ମହେଶ କୁମାର ଦଣ୍ଡସେନା ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ ସଂଯୋଜକ ଡା. ସୁଶାନ୍ତ କୁମାର ବିଶି ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶିଷ୍ଟ କଳାକାର ତଥା ମହୋତ୍ସବ ସକ୍ରିୟ ସଦସ୍ୟ ଦିବଂଗତଙ୍କ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ସୁନୀଲ କୁମାର ସାହୁ ବିବରଣୀ ପାଠ କରିଥିଲେ। ଆଗାମୀ ଖଡ଼ିଆଳ ମହୋତ୍ସବ-୨୦୨୩ ଜାନୁୟରୀ ପ୍ରଥମ କିମ୍ବା ୨ୟ ସପ୍ତାହ ମଧ୍ୟରେ ୫ ଦିନ ବ୍ୟାପୀ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ମହୋତ୍ସବ ଆୟୋଜକ କମିଟି ପୁନର୍ଗଠନ ହୋଇଥିଲା। ନୂତନ କମିଟି ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକ, ଉପସଭାପତି ଅମରେଶ ପଟ୍ଟନାୟକ ଓ ସୁଶାନ୍ତ ତାଣ୍ଡି, ସମ୍ପାଦକ ସୁନୀଲ କୁମାର ସାହୁ, ସହସମ୍ପାଦକ ଗିରୀଧାରୀ ବିଭାର ଓ ପୀୟୁଷ ରଞ୍ଜନ ପଣ୍ଡା, କୋଷାଧ୍ୟକ୍ଷ ଜାକିର ଅହମ୍ମଦ ଖାଁ, ସହକୋଷାଧ୍ୟକ୍ଷ ଆସୀବ ରାଜା, ସଂଯୋଜକ ଡା. ସୁଶାନ୍ତ କୁମାର ବିଶି, ପବିତ୍ର ମୋହନ ପ୍ରଧାନ, ଗୋପାଳ ଦାସ, ଅକ୍ଷୟ କୁମାର ନନ୍ଦ, ବିଭୂତି ଭୂଷଣ ବିଶ। ଏହା ପରେ ଆବଶ୍ୟକ ଉପସମିତି ଗଠନ କରାଯାଇ ପ୍ରତି କମିଟି ଆବାହକଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ମହୋତ୍ସବ ଉପଦେଷ୍ଟା ମଣ୍ଡଳୀରେ ଖଡ଼ିଆଳ ବିଧାୟକ ପାଣିଗ୍ରାହୀ, ଏନ୍‌ଏସି ଅଧକ୍ଷ ଉଜ୍ଜ୍ୱଳ ଗୁପ୍ତା, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ଜିଲାପାଳ, ନିମାଇଁ ଚରଣ ତାଣ୍ଡି, ଡା. ଜିତାମିତ୍ର ପ୍ରସାଦ ସିଂଦେବ, ଡ. ଫଣିନ୍ଦ୍ରମ ଦେଓ, ଶ୍ରୀକାନ୍ତ ଚାଟାର୍ଜୀ, ଜଗବନ୍ଧୁ ବାରିକ, ସୁଧୀର କୁମାର ପଟ୍ଟନାୟକ, ଡୋଳା ମୋହନ ସିଂ ବାବୁ, ମହେଶ କୁମାର ଦଣ୍ଡସେନା ଓ ମେଜର ଡଃ ରାମଚନ୍ଦ୍ର ମିଶ୍ରଙ୍କ ସହ ସିନାପାଲି, ବୋଡ଼େନ, କୋମନା, ନୂଆପଡ଼ା ୪ ବ୍ଲକ ଚେୟାରମେନ ପ୍ରମୁଖ ରହିଛନ୍ତି। ବୈଠକରେ ଶତାଧିକ ସଦସ୍ୟ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ସୁନୀଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥିମାନେ।

## ସଂକ୍ଷେପରେ

### ଡ଼ମ୍ଭ ସମାଜର ନୂଆଁଖାଇ ଭେଟ୍‌ଘାଟ୍

କୋକସରା,୯।୯(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ଗାଁ ଆଦର୍ଶ ଡ଼ମ୍ଭ ସମାଜ ପକ୍ଷରୁ ସ୍ଥାନୀୟ ଠାକୁରପଡାରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିମା ଆଦର୍ଶ ଡ଼ମ୍ଭ ସମାଜ ସଭାପତି ଧୀରେନ୍ଦ୍ର ନାଥ ଠାକୁରଙ୍କ ନେତୃତ୍ୱରେ ସମ୍ପାଦକ ପୁରୁଷୋତ୍ତମ ନାଏକ, କୋଷାଧକ୍ଷ ସନ୍ତୋଷ କୁମାର ନାଏକ, ରଣଜିତ ମହାନନ୍ଦଙ୍କ ପ୍ରୟାସରେ ନୂଆଁଖାଇ ଭେଟ୍‌ଘାଟ୍ ଆୟୋଜନ ହୋଇଥିଲା। ଇଷ୍ଟଦେବୀ ମା' ସମଲେଇଙ୍କଠାରେ କୁରେଇ ପତରରେ ନୂଆ ଚୁଡା ଏବଂ ନୂଆ ଧାନ ପୂଜା ପାଠ କରିବା ପରେ ସମସ୍ତେ ଏକାଠି ହୋଇ ନବାନ୍ନ ଭକ୍ଷଣ କରିଥିଲେ। ନୂଆଁଖାଇ ପରେ ସାନମାନେ ବଡ଼ମାନଙ୍କୁ ଜୁହାର କରିଥିବା ବେଳେ ବଡ଼ମାନେ ଛୋଟମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ପରେ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ମହିଳାଙ୍କ ମଧ୍ୟରେ ଝୋଟି, ହୁଳହୁଳି, ଯୁବକ ଯୁବତୀମାନଙ୍କୁ ନେଇ ହାଣ୍ଡି ଫଟା, ନୃତ୍ୟ ପ୍ରତିଯୋଗିତା ତଥା ଅନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ଡମ୍ଭ ସମାଜ ପକ୍ଷରୁ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିବା ବେଳେ ଡମ୍ଭ ସମାଜର ଭୁବନେଶ୍ୱର ନାଏକ, ଲିଙ୍ଗରାଜ ନାଏକ, ଡମ୍ବରୁଧର ଠାକୁର, ହଳଧର ନାଏକ, ହେମ ନାଏକ, ମହେଶ୍ୱର ନାଏକ, ଜେଜେରାମ ଠାକୁର, ବିଦ୍ୟାଧର ବାଗ ତଥା ଅନ୍ୟାନ୍ୟ କର୍ମ କର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

# ୧୦ବର୍ଷ ପରେ ପୁଅକୁ ଫେରିପାଇଲେ ପରିବାର ଲୋକ

- ଉତ୍ସର୍ଗ ଅନୁଷ୍ଠାନର ପ୍ରୟାସ
- ଜିଲା ପ୍ରଶାସନ ସହଯୋଗରେ ଗାଁକୁ ଗଲେ ଯୁବକ

ବୌଦ୍ଧ,୯।୯(ସ୍ୱ.ପ୍ର)

୧୦ବର୍ଷ ହେଲା ନିଖୋଜ ରହିଥିବା ପୁଅ ମରିଯାଇଥିବା ଭାବି ଶୁଦ୍ଧିକ୍ରିୟା କରିବାକୁ ବନ୍ଧୁପରିଜନ ପରାମର୍ଶ ଦେଉଥିବାବେଳେ ହଠାତ୍ ପୁଅ ଜୀବିତ ରହିଥିବା ନେଇ ଖବର ପାଇଥିଲେ ପରିବାର ଲୋକ। ପୁଅ ଜୀବିତ ରହିଥିବା ଖବର ପାଇ ଖୁସିରେ ଆତ୍ମହରା ହୋଇ ପଡ଼ିଥିଲେ ପରିବାର ଲୋକେ। ବୌଦ୍ଧର ଅନ୍ୟତମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍ସର୍ଗ ପକ୍ଷରୁ ଏନେଇ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ବିହାରରୁ ୧୦ବର୍ଷ ତଳେ ସାମାନ୍ୟ ମାନସିକ ବିକୃତି ଫଳରେ ମିଟୁ ପାଣ୍ଡେ ନାମକ ଯୁବକ ଘର ଛାଡି କୁଆଡେ ପଳାଇଥିଲେ। ଘର ଲୋକେ ଅନେକ ଖୋଜାଖୋଜି କରିବା ପରେ ମଧ୍ୟ କୌଣସି ଖବର ପାଇପାରି ନ ଥିଲେ। ଅନ୍ୟପଟେ ବୌଦ୍ଧରେ ମାନସିକ ବିକୃତି ଥିବା ଜଣେ ଯୁବକ ଦିନ ସାରା ଶାନ୍ତଶିଷ୍ଟ ଭାବରେ ବଜାର ମଧ୍ୟରେ ପରିଭ୍ରମଣ କରୁଥିଲେ। ଏହାକୁ ଠାବ କରିଥିଲେ ଉତ୍ସର୍ଗର ଆବାହକ ସମ୍ପଦ କୁମାର ଅଗ୍ରୱାଲା ଏବଂ ସଦସ୍ୟ ଲୋକନାଥ ଗୁପ୍ତା। ଯୁବକ ସହିତ କଥାବାର୍ତ୍ତା ହୋଇ ପରିବାର ସମ୍ପର୍କରେ ସୂଚନା ହାସଲ କରିଥିଲେ । ସ୍ୱଳ୍ପ ସୂଚନାକୁ ଆଧାର କରି ଅନେକ ଖୋଜାଖୋଜି କରିବା ପରେ ମିଟୁର ଘର ବିହାରର ଲକ୍ଷିସରାୟ ଜିଲା ଅନ୍ତର୍ଗତ ମସହୋରା ଗ୍ରାମ ସମ୍ପର୍କରେ ଜଣାପଡିଥିଲା। ପରେ ସେଠାକାର ସରପଞ୍ଚଙ୍କ ସହ ଯୋଗାଯୋଗ କରି ମିଟୁର ପରିବାରଙ୍କୁ ମିଟୁ ସମ୍ପର୍କରେ ସୂଚନା ଦିଆଯାଇଥିଲା। ପ୍ରଥମରୁ ଅବିଶ୍ୱାସ କରୁଥିବା ପରିବାର ଲୋକଙ୍କୁ ମିଟୁର ଫଟୋ ପଠାଇବା ସହିତ ଅନେକ ଆଲୋଚନା କରିବା ପରେ ସେମାନେ ବୁଝିପାରିଥିଲେ। ପରେ ମିଟୁର ବାପା ଦିଲୀପ କୁମାର ପାଣ୍ଡେ, ଭେଣେଇ ସୁଧାକର ପାଣ୍ଡେ, ଭାଇ ସୋନୁ ପାଣ୍ଡେ ଓ ଗୁଡୁ ପାଣ୍ଡେ ବୌଦ୍ଧ ଆସିଥିଲେ। ମିଟୁ ସହିତ ଭେଟ ହେବା ସହିତ ମିଟୁର ଅବସ୍ଥା ଦେଖି ତାର ବାପା ଆଖିରୁ ମଧ୍ୟ ଲୁହ ଝରିପଡିଥିଲା। ମିଟୁର ବାପାଙ୍କ ଆର୍ଥିକ ସ୍ୱଚ୍ଛଳ ଭଲ ନ ଥିବାରୁ ଗାଡି କରି ବିହାରକୁ ନେବା ସମ୍ଭବ ହୋଇପାରୁ ନ ଥିଲା । ଏହି ସମୟରେ ଜିଲା ପ୍ରଶାସନ ସହଯୋଗର ହାତ ବଢ଼ାଇଥିଲା। ଶୁକ୍ରବାର ଜିଲାପାଳ ସତ୍ୟରଞ୍ଜନ ସାହୁ ସମସ୍ତ ବିଷୟରେ ଅବଗତ ହେବା ପରେ ପ୍ରଶାସନ ପକ୍ଷରୁ ରେଡକ୍ରସ ମାଧ୍ୟମରେ ଏକ ଗାଡି ଯୋଗାଇ ଦେଇଥିଲେ। ଜିଲାପାଳ ସତ୍ୟରଞ୍ଜନ ସାହୁ ମିଟୁ ଓ ତାର ପରିବାର ସଦସ୍ୟମାନଙ୍କ ସହିତ ଆଲୋଚନା କରିବା ସହିତ ୧୦ବର୍ଷ ପରେ ହେଲେ ବି ପରିବାର ଲୋକେ ହଜିଯାଇଥିବା ପୁଅକୁ ଫେରିପାଇଥିବାରୁ ଶୁଭେଚ୍ଛା ଜଣାଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଉତ୍ସର୍ଗର ସଦସ୍ୟ ଦିପକ ଅଦର, ମିଥୁନ ସାହୁ, ବିନୋଦ ଗୁପ୍ତା, ଦେବାଶିଷ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ । ମିଟୁ ଓ ତାର ପରିବାର ଲୋକେ ଜିଲାପାଳଙ୍କୁ ସାକ୍ଷାତ କରିବା ସମୟରେ ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଡିଆଇପିଆରଓ ରିତାକାନ୍ତି ବଳିୟାର ସିଂଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମିଟୁ ପାଣ୍ଡେ, ତାଙ୍କ ପରିବାର ଓ ଉତ୍ସର୍ଗ ଅନୁଷ୍ଠାନର ସଦସ୍ୟ।

## ନର୍ସିଂ କ୍ୟାରିୟର ପାଇଁ ଛାତ୍ରୀଙ୍କୁ ପ୍ରଶିକ୍ଷଣ

ବିନିକା, ୯।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଫୁଲମୁଠି ଓ ସମ୍ବଲପୁର ନର୍ସିଂ କଲେଜର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ନର୍ସିଂରେ କ୍ୟାରିୟର ଗଠନ ସକାଶେ ପ୍ରଶିକ୍ଷଣ ଦିଆଯାଇଥିଲା। ଅଧ୍ୟକ୍ଷ ପଞ୍ଚାନନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ନିଲମ କୁମାର ନାଏକ ନର୍ସିଂକୋର୍ସର ଉପକାରିତା ଉପରେ ବୁଝାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପିକା ବୈଜୟନ୍ତୀ ସାହୁ, ଅଧ୍ୟାପକ ଅଶୋକ ବିଶି, ସବ୍ୟସାଚୀ ଦନ୍ତା ସହଯୋଗ କରିଥିଲେ। ଅନ୍ୟପକ୍ଷରେ ସିଦ୍ଧାର୍ଥ ଜୁନିୟର କଲେଜରେ ମଧ୍ୟ କ୍ୟାରିୟର କାଉନସେଲିଂ ଶିବିର ହୋଇଥିଲା। କଲେଜ ଅଧ୍ୟକ୍ଷା ରେଖା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ପ୍ରଶିକ୍ଷକ ନାଏକ ଯୋଗଦେଇ ଛାତ୍ରୀମାନଙ୍କୁ ନର୍ସିଂ ପାଠ୍ୟକ୍ରମ ଉପରେ କହିଥିଲେ। ଅଧ୍ୟାପକ ନିରଞ୍ଜନ ପାଣ୍ଡିଆ, ପ୍ରୀତି ରଞ୍ଜନ ସାହୁ, ଧନେଶର ସାହୁ, ରୋହିତ ଧରୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକ ସଂଘର ନୂଆଁଖାଇ ଭେଟ୍‌ଘାଟ୍


ଭେଟଘାଟ କାର୍ଯ୍ୟକ୍ରମରେ ମଞ୍ଚାସିନ ଅତିଥି ଓ ସଂଘର କର୍ମକର୍ତ୍ତା।

ସୋନପୁର,୯।୯(ନି.ପ୍ର.)

ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଶୁକ୍ରବାର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ସୋନପୁର ଏନଜିଓସିସି ହଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘ ସଭାପତି ଡ. ଜ୍ୟୋତିରଞ୍ଜନ ବହିଦାର ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଜ୍ୟୋତିରଞ୍ଜନ ପଟ୍ଟନାୟକ ନୂଆଁଖାଇ ଭେଟ୍‌ଘାଟ ସମ୍ପର୍କରେ ସୂଚନା ଦେଇଥିଲେ। ଗୋରେଖନାଥ ସାହୁ ଅତିଥିଭାବେ ଯୋଗଦେଇ ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅଞ୍ଚଳର ଗର୍ବ ଓ ଗୌରବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଡାକ୍ତର ରାଜେନ୍ଦ୍ର କୁମାର ମିଶ୍ର, ପ୍ରଫେସର ନାରାୟଣ ପ୍ରସାଦ ରାୟଗୁରୁ, ପ୍ରଦୀପ ପୁରୋହିତ ଯୋଗଦେଇ ଏହି ପର୍ବ ଜନସାଧାରଣଙ୍କୁ ଭାଇଚାରା ଓ ଏକତାର ବାର୍ତ୍ତା ଦିଏ ବୋଲି କହିଥିଲେ। ନିଜର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ସମସ୍ତେ ଉଦ୍ୟମ କରିବାକୁ ଏହି ଅବସରରେ ଆହ୍ୱାନ ଦିଆ ଯଇଥିଲା। ଏହି ଅବସରରେ ସଂଘର ସମସ୍ତ ସଭ୍ୟଙ୍କୁ ନୂଆଁଖାଇ ଶୁଭେଚ୍ଛା ପ୍ରଦାନ କରାଯିବା ସହ ସମ୍ବର୍ଦ୍ଧିତ କରା ଯାଇଥିଲା। ହରିହର ଶତପଥୀ, ମନୋରଞ୍ଜନ ବହିଦାର, ଉମେଶ ଚନ୍ଦ୍ର ପଣ୍ଡା, ନୀଳମାଧବ ଗୁରୁ, ଡକ୍ଟର ସନ୍ତୋଷ କୁମାର ପାଢୀ, ଇନ୍ଦୁମତୀ ପୁରୋହିତ, ପ୍ରହଲ୍ଲାଦ ମିଶ୍ର, ସତ୍ୟନାରାୟଣ ମିଶ୍ର, ଉପସଭାପତି ଆର୍ତ୍ତତ୍ରାଣ ବାବୁ, ସହସମ୍ପାଦକ ଶ୍ରୀବତ୍ସ ମଲ୍ଲିକ, ବ୍ୟୋମକେଶ ଦାସ, ଇନ୍ଦ୍ରମଣି ଦାସ, ଲୋକେଶ ପ୍ରଧାନ, ସୁଧାଂଶୁ ଶେଖର ପାଢୀ, ମୃତ୍ୟୁଞ୍ଜୟ ଦାସ ଓ ଦେବ କିଶୋର ଦାନୀ ପ୍ରମୁଖ ସାମିଲ ହୋଇ ନୂଆଁଖାଇ ଶୁଭେଚ୍ଛା ପ୍ରଦାନ କରିବା ସହ ନିଜର ସୁଖଦୁଃଖ ବାଣ୍ଟି ଥିଲେ।

## ଚାଉଳ ବୋଝେଇ ପିକ୍‌ଅପ୍ ଜବତ

**ଡ୍ରାଇଭର, ଚାଉଳ ବେପାରି ଅଟକ**

ଡୁଙ୍ଗୁରିପାଲି, ୧୦।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବାଙ୍କିପାଲି ଗ୍ରାମରେ ଶୁକ୍ରବାର ପିଡିଏସ ଚାଉଳ ହିତାଧିକାରୀଙ୍କଠାରୁ କିଣି ନେଉଥିବା ବେଳେ ଗ୍ରାମବାସୀ ବେପାରି, ଗାଡି ଡ୍ରାଇଭର ଓ ହେଲପରଙ୍କୁ ଅଟକ ରଖି ରାମପୁର ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ରାମପୁର ପୋଲିସ ପହଞ୍ଚି ଚାଉଳ ବୋଝେଇ ମହିନ୍ଦ୍ରା ପିକଅପକୁ ଜବତ କରି ଥାନାକୁ ଆଣିଥିଲେ। ଖବର ପାଇ ଡୁଙ୍ଗୁରିପାଲି ବ୍ଲକ ଯୋଗାଣ ଅଧିକାରୀ ରାମପୁର ଥାନାରେ ପହଞ୍ଚି ପ୍ୟାକେଟରେ ଥିବା ଚାଉଳକୁ ତନଖି କରିଥିଲେ। ଏହା ଏଫଆରକେ ଭିଟାମିନଯୁକ୍ତ ପିଡିଏସ ଚାଉଳ ବୋଲି ଜଣା ପଡିଥିଲା। ଜବତ ୧୧କୁଇଣ୍ଟାଲ ୫୦ କେଜି ଚାଉଳକୁ ଯୋଗାଣ ଅଧିକାରୀଙ୍କ ହେପାଜତରେ କଟାପାଲିସ୍ଥିତ ହନୁମାନ ରାଇସ୍ ମିଲରେ ଜିମା ଦିଆଯାଇଛି। ଏ ନେଇ ଥାନାରେ ଏକ ମାମଲା( ୮୮/୨୨) ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଭାନୁ ଶଙ୍କର ଯାଦବ କହିଛନ୍ତି।

# ବାଗବାଡ଼ିରେ ଅନନ୍ତ ନାରାୟଣ ପୂଜା

ବରଗଡ଼ ଅଫିସ୍,୯।୯

ବରଗଡ଼ ଜିଲା ବାଗବାଡ଼ି ହାଟପଡ଼ାରେ ଅନନ୍ତ ନାରାୟଣ ପୂଜା ପାଳନ ଆୟୋଜନ କରାଯାଇଛି। ଏହି ଅବସରରେ କୃଷ୍ଣଲୀଳା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୩ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିବ। ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଭ୍ୟ ଗୋବିନ୍ଦ ସାହୁ, ସରପଞ୍ଚ ସୁଷମା ଭୋଇ, ସମିତିସଭ୍ୟ ଚତୁରୀ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଭକ୍ତରାମ ମେହେର, ସ୍ତ୍ରୀ ବିନୋଦିନୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସୁଶାନ୍ତ ତ୍ରିପାଠୀ, ପଦ୍ମନାଭ ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। କଂସ ଦରବାର କାର୍ଯ୍ୟକ୍ରମରେ ଝସକେତନ ପ୍ରଧାନ କଂସ, ରୋହନ କୁମାର ମେହେର କୃଷ୍ଣ ଏବଂ ସୁଧୀର କୁମାର ମେହେର ବଳରାମ ଭୂମିକାରେ ଅଭିନୟ କରିବାର କାର୍ଯ୍ୟକ୍ରମ ରହିଛି। କମିଟି ସଭାପତି ପର୍ଶୁରାମ ମେହେର, ସମ୍ପାଦକ ଧନମାଳି ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ମିତ୍ରଭାନୁ ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

## ଗଣେଶପୂଜା ଉପଲକ୍ଷେ ଚାଲିଥିବା ପ୍ରବଚନ ଉଦ୍‌ଯାପିତ

ବେହେରା,୯।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଗ୍ରାମରେ ଗଣେଶ ପୂଜା ଅବସରରେ ୭ଦିନ ଧରି ଚାଲିଥିବା ପ୍ରବଚନ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପୂଜକ ଭାବେ ବେହେରା ଜଗନ୍ନାଥ ମନ୍ଦିର ପୂଜକ ମୋହନ ତିୱାରୀ, କର୍ତ୍ତା ଗୁଣନିଧୀ ନାଗ, ସୁନୀତା ନାଗ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ୩ ତାରିଖଠାରୁ ୭ ଦିନ ଧରି ଶିବ ପୁରାଣ ପାଠ ଓ ପ୍ରବଚନ ଆଶିର୍ବାଦ ଜୀ ମହାରାଜ ଦ୍ୱାରା ହେଉଥିବା ବେଳେ ସନ୍ଧ୍ୟା ୬ରୁ ରାତ୍ର ୯ଟା ଯାଏ ଶହଶହ ଭକ୍ତ ପ୍ରବଚନ ଶ୍ରବଣ କରି ମନ୍ତ୍ରମୁଗ୍ଧ ହୋଇଥିଲେ। ବେହେରା ବଣିକ ସଂଘ ଦ୍ୱାରା ପ୍ରତିବର୍ଷ ଗଣେଶ ପୂଜା ଅବସରରେ ଏପରି ପ୍ରବଚନ କାର୍ଯ୍ୟକ୍ରମ ଅଞ୍ଚଳବାସୀ ପ୍ରଶଂସା କରିବା ସହ ଆୟୋଜକ କମିଟି ଧନ୍ୟବାଦ ଦେଇଛନ୍ତି। ପ୍ରତିଦିନ ଗଣେଶ ଅଗ୍ରୱାଲ ଓ ସାଥୀଙ୍କ ଦ୍ୱାରା ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ହେଉଥିବା ବେଳେ କାର୍ଯ୍ୟକ୍ରମ ବବଲୁ ଅଗ୍ରୱାଲ, ଅନିଲ ପଣ୍ଡା, ତ୍ରିଲୋକ ନାଥ ସିଂହ, ଅଜୟ ତିୱାରୀ, ପୂର୍ଣ୍ଣଚନ୍ଦ୍ର ସାହୁ, ଭୁପେଶ ତିୱାରୀ, ଚନ୍ଦ୍ରକାନ୍ତ ରଣା, କାହ୍ନା ଭୋଇ, ଭୁବନେଶ୍ୱର କାଣ୍ଡ, ହାରାଧର ପଟେଲ, ଗୌରଚନ୍ଦ୍ର ବାଗ ତଥା ସମସ୍ତ କାର୍ଯ୍ୟକର୍ତ୍ତା ସହେଯାଗ କରିଥିଲେ। ଶନିବାର ଗଣେଶଙ୍କ ମୂର୍ତ୍ତି ବିସର୍ଜନ ସହ ପୂର୍ଣ୍ଣାହୁତି ହେବ।



## ବନ୍ଧପାଲିରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୯।୯: ବରଗଡ଼ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ବରପାଲି ବ୍ଲକର ବନ୍ଧପାଲିରେ ସ୍ୱଚ୍ଛତା ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗ୍ରାମର ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିଲେ। ସ୍ୱେଚ୍ଛାସେବୀ କ୍ଷୀରସିନ୍ଧୁ ଭୋଇ ସ୍ୱଚ୍ଛତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଆଶାକର୍ମୀମାନେ ଯୋଗଦାନ କରିଥିଲେ।

# ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପିତ

ବରଗଡ଼ ଅଫିସ୍,୯।୯

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧ ନିଗମାନନ୍ଦ ବିହାର ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ ଏବଂ ପଣ୍ଡିତ ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଓଗାଁ ନିବାସୀ ନିଗମାନନ୍ଦ ମିଶ୍ରଙ୍କୁ ପୁରୋହିତ ଭାବେ ପଣ୍ଡିତ ବରଣ କରାଯାଇଥିଲା। ସେହିପରି ବିଧିମତେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ପଡ଼ାର ଦୁଃଖୁ ମିଶ୍ର କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ। କମିଟି ସଭାପତି ସଦାଶିବ ସାହୁ, ସମ୍ପାଦକ ନବୀନ ସାବତ, ଉନ୍ନୟନ କମିଟି ସମ୍ପାଦକ ଟିକେଲାଲ ନାଏକ, କୀର୍ତ୍ତନ ପରିଷଦ ସଭାପତି ବାଙ୍କବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ

# କଲେକ୍ଟୋରେଟ ସମ୍ମୁଖରେ ଟ୍ରାକ୍ଟର ମାଲିକଙ୍କ ବିକ୍ଷୋଭ

ସୋନପୁର,୯।୯(ନି.ପ୍ର.)

ସୁବର୍ଣ୍ଣପୁର ସହରର ଟ୍ରାକ୍ଟର ମାଲିକମାନେ ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସହର ପାର୍ଶ୍ୱରେ ମହାନଦୀ ଓ ତେଲନଦୀ ପ୍ରବାହିତ ହେଉଥିଲେ ହେଁ ବାଲି ଉତ୍ସ ନିଲାମ ହେଉନି। ଅନ୍ୟପକ୍ଷେ ପ୍ରଶାସନ ପକ୍ଷରୁ ବାଲି ଟ୍ରକ୍‌ରୁ ଅଧିକ ଫାଇନ ଆଦାୟ କରାଯାଉଛି। ଏହାକୁ ଟ୍ରାକ୍ଟର ମାଲିକ ମାନେ ବିରୋଧ କରିଥିଲେ। ଏପରିକି ନିଲାମ ହୋଇଥିବା ବାଲି ଉତ୍ସରୁ ବାଲି ଆଣିଲେ ନିଲାମଧାରୀ ରୟାଲଟି ପରମିଟ୍ ଦେଉ ନାହାନ୍ତି। କିନ୍ତୁ ରାଜସ୍ୱ ବିଭାଗର ଅଧିକାରୀ ବାଲି ବୋଝେଇ ଟ୍ରାକ୍ଟର ଧରିଲେ ୨୦ରୁ ୨୫ ହଜାର ଟଙ୍କା ଫାଇନ କରୁଛନ୍ତି। ଗତ ୨ ମାସ ହେବ ଟ୍ରାକ୍ଟର ମାଲିକମାନେ ଏଥିଯୋଗୁଁ କ୍ଷତି ସହିଲେଣି। ବେକାର ଯୁବକ ମାନେ ଋଣ କରି ଟ୍ରାକ୍ଟର ଆଣିଛନ୍ତି। ଏଥିରେ ସେମାନେ ପରିବାର ପ୍ରତିପୋଷଣ କରୁଛନ୍ତି। ମାତ୍ର ପ୍ରଶାସନର ଏଭଳି ମନୋଭାବ ଯୋଗୁଁ ସେମାନେ ଚିନ୍ତାରେ ଅଛନ୍ତି। ସହରରେ ଉନ୍ନୟନ ମୂଳକ କାର୍ଯ୍ୟକୁ ଦୃଷ୍ଟିରେ ରଖି ପ୍ରଶାସନ ସେମାନଙ୍କ ଦାବି ପ୍ରତି ବିଚାର କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ନଚେତ ଆସନ୍ତା ୧୩ ତାରିଖରୁ ଆନ୍ଦୋଳନ ଜୋରଦାର ହେବ ବୋଲି ସଂଘର ସଭାପତି ଶିବ ନାରାୟଣ ବହିଦାର ଓ ସମ୍ପାଦକ କୋଶଳେଶ୍ୱର ବହିଦାର ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କୁ ପ୍ରଦାନ କରାଯାଇଛି।


ଟ୍ରାକ୍ଟର ମାଲିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ନିଟ୍‌ରେ ବୀରମହାରାଜପୁର ଛାତ୍ରୀଛାତ୍ରଙ୍କ ସଫଳତା

ଅମରପାଲି,୯।୯(ଡି.ଏନ.ଏ.)

ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା(ନିଟ) ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ୫ଜଣ ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। ବ୍ଲକର ଦେବଦତ୍ତ ପଣ୍ଡା, ରାହୁଲ ପ୍ରଧାନ, ମଧୁସ୍ମିତା ମହାକୁର, ସୁମନ ପ୍ରଧାନ, ଓଁକାର ପଣ୍ଡା କୃତକାର୍ଯ୍ୟ ହୋଇ ଡାକ୍ତରୀ ପଢିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ଚମ୍ପାମାଲ ଗ୍ରାମର ଶିକ୍ଷକ ସଦାନନ୍ଦ ପଣ୍ଡାଙ୍କ ଏକମାତ୍ର ପୁତ୍ର ଦେବଦତ୍ତ ମୋଟ ୬୫୩ ନମ୍ବର ରଖି ସର୍ବଭାରତୀୟ ୩ହଜାର ୯୨୮ରାଙ୍କ ରଖିଛନ୍ତି। ତାଙ୍କର ପ୍ରାଥମିକ ଶିକ୍ଷା ସ୍ଥାନୀୟ ଶିଶୁ ମନ୍ଦିରରେ ହୋଇଥିଲା। ପରେ ରଥପୁରସ୍ଥିତ ଓଏଭିଏସରୁ ଦଶମ ପାସ୍ କରିଥିଲେ। ୨୦୨୨ରେ ସେ ବରଗଡ ବିକାଶ କଲେଜରୁ ଯୁକ୍ତ ୨ ବିଜ୍ଞାନରେ ୯୬.୪ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଥିଲେ। ସେ ପ୍ରଥମ ପ୍ରଚେଷ୍ଟାରେ ବିନା କୋଚିଙ୍ଗରେ ଏହି ସଫଳତା ପାଇଛନ୍ତି। ଦୈନିକ ୭ରୁ ୮ ଘଣ୍ଟା ଲେଖାଏ ପରିଶ୍ରମ କରୁଥିଲେ। ଜଣେ ଦକ୍ଷ ସର୍ଜରୀ ଡାକ୍ତର ହେବା ତାଙ୍କର ଲକ୍ଷ୍ୟ ରହିଥିବା ସେ କହିଛନ୍ତି।

ଖଣ୍ଡହତାର ମୂରଲୀଧର ପ୍ରଧାନଙ୍କ ପୁଅ ରାହୁଲ ୬୪୮ ନମ୍ବର ରଖି ୪ହଜାର ୮୮୫ ର୍‍ୟାଙ୍କ ହାସଲ କରିଛନ୍ତି। ସେ ଖଣ୍ଡହତା ଅରବିନ୍ଦ ସ୍କୁଲରୁ ପ୍ରାଥମିକ ଶିକ୍ଷା ପରେ ରଥପୁରସ୍ଥିତ ଓଏଭିଏସରୁ ଦଶମ ପାସ୍ ଲରିଥିଲେ। ୨୦୨୧ରେ ସମ୍ବଲପୁର ସିଦ୍ଧାର୍ଥ ପବ୍ଲିକ ସ୍କୁଲରୁ ୯୫ପ୍ରତିଶତ ନମ୍ବର ରଖି ଯୁକ୍ତ ୨ ବିଜ୍ଞାନ ପାସ୍ କରିଥିଲେ। ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ ଦୈନିକ ୮ରୁ ୧୦ଘଣ୍ଟା ପରିଶ୍ରମ କରୁଥିଲେ। ଦ୍ୱିତୀୟ ପ୍ରଚେଷ୍ଟାରେ ଏହି ସଫଳତା ପାଇଥିବା ସେ କହିଛନ୍ତି।

ବୀରମହାରାଜପୁର ଉପକଣ୍ଠ ଚମ୍ପାମାଳର ବ୍ୟବସାୟୀ କୃଷ୍ଣଚନ୍ଦ୍ର ମହାକୁର ଓ ପ୍ରମିଳା ମହାକୁରଙ୍କ ଏକମାତ୍ର ଝିଅ ମଧୁସ୍ମିତା ୬୩୦ ନମ୍ବର ରଖି ୯ହଜାର ୧୬୯ ର୍‍ୟାଙ୍କ ହାସଲ କରିଛନ୍ତି। ଚମ୍ପାମାଳ ସ୍କୁଲରୁ ପ୍ରାଥମିକ ଶିକ୍ଷା ପରେ ତରଭା ନବୋଦୟ ସ୍କୁଲରୁ ମାଟ୍ରିକ ଓ ଯୁକ୍ତ ଦୁଇ ପାସ୍ କରିଥିଲେ। ଯୁକ୍ତ ୨ ବିଜ୍ଞାନରେ ୯୦.୪ ପ୍ରତିଶତ ନମ୍ବର ରଖିଥିଲେ। ସେ ନିଟ୍ ପାଇଁ ଦୈନିକ ୭ରୁ ୮ଘଣ୍ଟା ପରିଶ୍ରମ କରୁଥିଲେ। ଜଣେ ସର୍ଜରୀ ଡାକ୍ତର ହେବା ତାଙ୍କର ଲକ୍ଷ୍ୟ ବୋଲି ପ୍ରକାଶ କରିଛନ୍ତି।

ସଂଗ୍ରାମପୁର ପଞ୍ଚାୟତ ଯୁବରାଜପୁର ଗ୍ରାମର ନାମମାତ୍ର ଚାଷୀ ନିତ୍ୟାନନ୍ଦ ପ୍ରଧାନ ଓ ବ୍ରଜେଶ୍ୱରୀଙ୍କ ପୁତ୍ର ସୁମନ ପ୍ରଧାନ ୬୧୨ନମ୍ବର ରଖି ୧୫ହଜାର ୫୫୫ ର୍‍ୟାଙ୍କ ହାସଲ କରିଛନ୍ତି। ସେ ଅମରପାଲି ହାଇସ୍କୁଲରୁ ମାଟ୍ରିକ ପାସ କରିଥିଲେ। ୨୦୧୯ରେ ଭୁବନେଶ୍ୱର ତ୍ରିବେଣୀ କଲେଜରୁ ୮୨ ପ୍ରତିଶତ ନମ୍ବର ରଖି ଯୁକ୍ତ ୨ ବିଜ୍ଞାନ ପାସ୍ କରିଥିଲେ। ଉକ୍ତ ପରୀକ୍ଷା ପାଇଁ ସେ ଦୈନିକ ୭ରୁ ୮ ଘଣ୍ଟା ପରିଶ୍ରମ କରୁଥିଲେ। ତୃତୀୟ ପ୍ରଚେଷ୍ଟାରେ ସେ ଉକ୍ତ ସଫଳତା ହାସଲ କରିଛନ୍ତି। ଜଣେ ଦକ୍ଷ ଡାକ୍ତର ହୋଇ ନିଜ ଅଞ୍ଚଳର ଲୋକଙ୍କ ସେବା କରିବା ତାଙ୍କର ପ୍ରାଥମିକ ଲକ୍ଷ ରହିବ ବୋଲି ସୁମନ କହିଛନ୍ତି।

ସେହିପରି ଉଫୁଲା ପଞ୍ଚାୟତର ପଣ୍ଡିଆପାଲି ଗ୍ରାମର ଶିକ୍ଷକ ସୁଧାଂଶୁ ପଣ୍ଡାଙ୍କ ଏକମାତ୍ର ପୁତ୍ର ନିଟ୍ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।


ଦେବଦତ୍ତ ପଣ୍ଡା


ରାହୁଲ ପ୍ରଧାନ


ମଧୁସ୍ମିତା ପ୍ରଧାନ


ସୁମନ ପ୍ରଧାନ

## ସଂକ୍ଷେପରେ

### କାଠ ବୋଝେଇ ମିନିଟ୍ରକ୍ ଜବତ

ଖପ୍ରାଖୋଲ,୯।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ହରିଶଙ୍କର ବନାଞ୍ଚଳ ଧଣ୍ଡାମୁଣ୍ଡା ସେକ୍ସନର ବଡ଼ଉଡେନ ଗାଁ ନିକଟରେ ବନ ବିଭାଗ ଚଢ଼ାଉ କରି ଗୁରୁବାର ବିଳମ୍ବିତ ରାତିରେ ଖଇର କାଠ ବୋଝେଇ ଏକ ମିନିଟ୍ରକ ଜବତ କରିଛି। ଜବତ କାଠର ଓଜନ ୩ଟନରୁ ଅଧିକ। ତେବେ କାଠ ଚାଲାଣକାରୀ ଓ ଡ୍ରାଇଭର ଗାଡି ଛାଡି ଫେରାର ହୋଇ ଯାଇଛନ୍ତି। ଜବତ ଟ୍ରକକୁ ଖପ୍ରାଖୋଲ ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଛି। ହରିଶଙ୍କର ଏବଂ ପାଟଣାଗଡ ବନବିଭାଗର ମିଳିତ ଚଢ଼ାଉରେ ହରିଶଙ୍କର ବନାଞ୍ଚଳ ଆଧିକାରୀ ଗିରିଧାରୀ ନାଗ, ପାଟଣାଗଡ ବନାଞ୍ଚଳ ଅଧିକାରୀ ଆନନ୍ଦଚନ୍ଦ୍ର ବିଶି, ହରିଶଙ୍କର ବନପାଳ ଅରବିନ୍ଦ ଧାରୁଆ, ଖପ୍ରାଖୋଲ ବନପାଳ ସୁଧିର ଜେନା ଓ ବନ କର୍ମଚାରୀ ସାମିଲ ଥିଲେ। ଏ ନେଇ ଏକ ମାମଲା(୩/୨୨)ରୁଜୁ ହୋଇଥିବା ହରିଶଙ୍କର ବନାଞ୍ଚଳ ଅଧିକାରୀ ଗିରିଧାରୀ ନାଗ ସୂଚନା ଦେଇଛନ୍ତି।

### ମାହାର ସମାଜର ନୂଆଁଖାଇ ଭେଟ୍‌ଘାଟ

ଦେଓଗାଁ,୯।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ମାହାରପଡାରେ ଜିଲା ପରିଚାଳନା କମିଟି ଓ ବଡବନ୍ଧ ମାହାର ସମାଜର ମିଳିତ ଉଦ୍ୟମରେ ଜିଲାସ୍ତରୀୟ ନୂଆଁଖାଇ ଭେଟ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଛତିଶଗଡ, ବରଗଡ, ସମ୍ବଲପୁର, ସୁବର୍ଣ୍ଣପୁରତ, ବୌଦ୍ଧ ଜିଲାର କର୍ମକର୍ତ୍ତାମାନେ ଅତିଥିଭାବେ ଯୋଗଦେଇଥିଲେ। ଜିଲା ସଭାପତି ପଞ୍ଚୁ ଚିନ୍ଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଜିଲା ସମ୍ପାଦକ ପଦ୍ମଚରଣ ମଲ୍ଲିକ ପରିଚାଳନା କରିଥିଲେ। ଏହି ଅବସରରେ କୁନିକୁନି କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଓଁକାର ଚିନ୍ଦା, ତ୍ରିଭୁବନ ବାରିକ, ନିମାଇଁ ଚରଣ ସାହାଣୀ, ସୁଦାମ ରାଉତ, ସୁକର ରାଉତ, ବଳରାମ ତମଲିଆ, ଧ୍ୱଜ ତମଲିଆ, ମଧୁ ତମଲିଆ, ଲମ୍ବୋଦର ମଲ୍ଲିକ, ଲୁଚନ ଚିନ୍ଦା, ଦୁର୍ଯ୍ୟୋଧନ ମଲ୍ଲିକ, ହରିଶ୍ଚନ୍ଦ୍ର ବାରିକ, ଫକିର ରାଉତ, ପ୍ରହ୍ଲାଦ ପଟନିଆ ତଥା ବଡବନ୍ଧ ଗ୍ରାମବାସୀ ସହଯୋଗ କରିଥିଲେ।

### ୨କୁଟୁରା ଉଦ୍ଧାର କଲା ବନ ବିଭାଗ

ଦେଓଗାଁ,୯।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବନାଞ୍ଚଳ ରେଞ୍ଜ କୁଡାସିଂହା ଫରେଷ୍ଟ ବିଟ ଅଧିନ ପ୍ରତାପପୁର ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରୁ ୨ଟି ଜୀବନ୍ତ କୁଟୁରା ବନବିଭାଗ ଉଦ୍ଧାର କରିଛି। କୁଡାସିଂହା ଫରେଷ୍ଟର ଅଶୋକ ନାୟକ ଶୁକ୍ରବାର ସକାଳେ ଉକ୍ତ ଗାଁର ପ୍ରେମରାଜ ଘିଭେଲାଙ୍କ ଘରେ ଚଢ଼ାଉ କରିଥିଲେ। ଉଭୟ କୁଟୁରା ଛୋଟ ହୋଇଥିବାରୁ ସେମାନଙ୍କର ଚିକିତ୍ସା ପରେ ଉପରିସ୍ଥ ଅଧିକାରୀଙ୍କ ନିଷ୍ପତ୍ତି ଅନୁସାରେ ପଦକ୍ଷେପ ନିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଚଢ଼ାଉ ସମୟରେ ଅଭିଯୁକ୍ତ ଫେରାର ହୋଇଯାଇଥିବା କୁହାଯାଉଛି।

# ବିଭାଗୀୟ କାର୍ଯ୍ୟାବଳୀ ସମୀକ୍ଷା, କ୍ଷେତ୍ର ପରିଦର୍ଶନ

**ବିଧାନସଭା ଷ୍ଟାଣ୍ଡିଂ କମିଟିର ବଲାଙ୍ଗୀର ଜିଲା ଗସ୍ତ**

ବଲାଙ୍ଗୀର ଅଫିସ/ଦେଓଗାଁ, ୯।୯(ଡି.ଏନ.ଏ.)


ଜିଲପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକ ଷ୍ଟାଣ୍ଡିଂ କମିଟି ସଦସ୍ୟ ଓ ଅଧିକାରୀମାନେ।

ଓଡିଶା ବିଧାନସଭା ଷ୍ଟାଣ୍ଡିଂ କମିଟିର ତିନିଜଣିଆ ପ୍ରତିନିଧି ମଣ୍ଡଳୀ କମିଟି ଅଧକ୍ଷ ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ନେତୃତ୍ୱରେ ଶୁକ୍ରବାର ବଲାଙ୍ଗୀର ଜିଲା ଗସ୍ତରେ ଆସିଥିଲେ। କମିଟି ସଦସ୍ୟ ପୂର୍ବାହ୍ନରେ ଜିଲପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ବିଭାଗୀୟ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ କୃଷି ବୀମା ଯୋଜନାର କାର୍ଯ୍ୟକାରିତା, ଧାନକ୍ରୟ ତଥା ମଣ୍ଡିଗୁଡିକର ସୁପରିଚାଳନା, ପ୍ରାଥମିକ କୃଷି ସମବାୟ ସମିତି ତରଫରୁ କୃଷି ଋଣ ପ୍ରଦାନ, ଚାଷୀ ପଞ୍ଜୀକରଣ, ବୟନ ଶିଳ୍ପ ଓ ହସ୍ତତନ୍ତର ବିକାଶ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା ହୋଇଥିଲା। କମିଟି ଅଧକ୍ଷ ମିଶ୍ର, ସଦସ୍ୟ କନ୍ଧମାଳ ବିଧାୟକ ମହୀଧର ରଣା, ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ ଜିଲାରେ ସରକାରୀ ଯୋଜନାର ବ୍ୟବସ୍ଥିତ ଓ ସଫଳ ରୂପାୟନ ଦିଗରେ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଚାଷୀମାନେ ଯେପରି ଫସଲ ବୀମା ଠିକ ଭାବେ ଓ ଧାର୍ଯ୍ୟ ସମୟରେ ପାଇପାରିବେ ସେଥିପ୍ରତି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେମାନେ ପରାମର୍ଶ ଦେଇଥିଲେ।

ଚାଷୀମାନେ ସେମାନଙ୍କ ପାସ୍‌ବୁକ ଓ ଚେକ୍‌ବୁକ ଯେପରି ନିଜ ପାଖରେ ରଖିବେ ତାହା ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କମିଟି ସଦସ୍ୟମାନେ ପରାମର୍ଶ ଦେଇଥିଲେ। ଧାନକ୍ରୟ ବେଳେ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେବା ସହ ତାହାକୁ କିପରି ସୁଧାର କରାଯିବ ସେ ସମ୍ପର୍କରେ ମଧ ବୈଠକରେ ଆଲୋଚନା ହୋଇଥିଲା। ଏତଦ୍‌ବ୍ୟତୀତ ଧାନକ୍ରୟ ନିମନ୍ତେ ମଣ୍ଡିଗୁଡିକର ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରିବା ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କୁହାଯାଇଥିଲା। ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗ ଦାରା ଜିଲାର ବୁଣାକାରମାନଙ୍କ ଜୀବନ ଜୀବିକାମାନର ଉନ୍ନତି ନିମନ୍ତେ ଯୋଗାଇ ଦିଆଯାଉଥିବା ବିଭିନ୍ନ ସହାୟତା ଓ ଉପକରଣ ପ୍ରଦାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଯୋର ଦିଆଯାଇଥିଲା। ଜିଲାପାଳ ଚଞ୍ଚଳ ରାଣା କମିଟିକୁ ସ୍ୱାଗତ କରିବା ସହ ବିଭାଗୀୟ କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ବଲାଙ୍ଗୀର ଉପଜିଲାପାଳ କୁମାର ନାଗଭୂଷଣ, ପାଟଣାଗଡ ଭାରପ୍ରାପ୍ତ ଉପଜିଲାପାଳ ପୁଷ୍ପାଞ୍ଜଳି ମିଶ୍ରଙ୍କ ସମେତ କୃଷି, ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବୟନ ଶିଳ୍ପ ଓ ହସ୍ତତନ୍ତ, ନିୟନ୍ତ୍ରିତ ବଜାର କମିଟି ଅଧିକାରୀମାନେ ଉପସ୍ଥିତ ଥିଲେ।

ପରେ ବିଧାନସଭା ଷ୍ଟାଣ୍ଡିଂ କମିଟି ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଗ୍ରାମକୁ କ୍ଷେତ୍ର ପରିଦର୍ଶନରେ ଯାଇ ସ୍ଥାନୀୟ ବୁଣାକାର, ଚାଷୀ ଓ ଗ୍ରାମବାସୀ ଚାଷ ଏବଂ ବୟନ ଶିଳ୍ପରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଚାଷ ଜମିରେ କୀଟ ଲାଗିଥିବା ଅଭିଯୋଗ ସମ୍ପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗ ଜରିଆରେ ବୁଣାକାରମାନଙ୍କୁ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ଯୋଗ୍ୟ ହିତାଧିକାରୀମାନେ ଯୋଜନାଗୁଡିକରୁ ଯେପରି ଉପକୃତ ହୋଇପାରିବେ ସେଥିପ୍ରତି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଗସ୍ତ ସମୟରେ ବିଡିଓ ରାମଦତ୍ତ ଭୋଇ, ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ରଥ, ହାତିସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର, ବିଧାୟକ ପ୍ରତିନିଧି କାନ୍ତେଶ୍ୱର ପଧାନ, ଜରାସିଂହା ସମିତି ସଭ୍ୟ ଅମିତ ତ୍ରିପାଠୀ, ସରପଞ୍ଚ କୁଶମଣି ମେହେର, କରୁଣାକର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

### ଯୋଜନା ଓ ସଂଯୋଜନ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ଖଡ଼ିଆଳ,୯।୯(ଡି.ଏନ.ଏ.)

ନୂଆପଡା ଜିଲାର ଖଡ଼ିଆଳ ମହିଳା ଡିଗ୍ରୀ କଲେଜ ପକ୍ଷରୁ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଏବଂ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ପରିଚାଳନା ଅଧକ୍ଷ ଡ଼ା. ଫନିନ୍ଦମ ଦେଓ ସମ୍ବର୍ଦ୍ଧନା ସଭାରେ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଯୋଗଦେଇ ସରକାର ୬ ହଜାର ସ୍କୁଲର ବିକାଶ କରିବାରେ ଅଗ୍ରାଧିକାର ଦେଉଥିବା ବେଳେ ମହିଳା ଶିକ୍ଷାର ବିକାଶ ପାଇଁ ପ୍ରାଥମିକତା ଦେଉଛନ୍ତି। ତେଣୁ ଏହି କଲେଜର ଜମି ଏବଂ ସରକାରୀ ମାନ୍ୟତା ପାଇଁ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଡ଼ିଆଳ ବିଧାୟକ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା, କଲେଜ ପରିଚାଳନା କୋଷାଧକ୍ଷ ବିନୋଦ ବିହାରୀ ପାଢ଼ୀ, କଲେଜ ଅଧକ୍ଷା ମହେଶତା ପଣ୍ଡା ମଞ୍ଚାସୀନ ଥିଲେ। କଲେଜର ସମସ୍ତ କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଖଡ଼ିଆଳ ପବ୍ଲିକ ସ୍କୁଲ ନୂତନ ଗୃହ ଉଦଘାଟନୀ ଉତ୍ସବରେ ଖଡ଼ିଆଳ ବିଧାୟକ ଶ୍ରେଣୀ ଗୃହ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବ୍ଲକରେ ଆଦିବାସୀ ଆବାସିକ ପରିଚାଳିତ ୭ଟି ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ଆବଶ୍ୟକ ଥିବା ଭିତ୍ତି ଭୂମିର ବିକାଶ ପାଇଁ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ।


ଆଇନ ମହାବିଦ୍ୟାଳୟରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ସଂଘର୍ଷ ସମିତି ବୈଠକରେ ଯୋଗଦେଇଥିବା ପ୍ରତିନିଧି।

# ୧୧ରେ ବଲାଙ୍ଗୀରରେ ହେବ ମହାସମ୍ମେଳନ

- ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ସଂଘର୍ଷ ସମିତିର ପ୍ରସ୍ତୁତି ବୈଠକ
- ଯୋଗଦେବେ ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ ଜିଲା ପ୍ରତିନିଧି

ବଲାଙ୍ଗୀର ଅଫିସ, ୯।୯

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ସଂଘର୍ଷ ସମିତି ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଆଇନ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସମିତି ଆବାହକ ଗୋପାଳଜୀ ପାଣିଗ୍ରାହୀଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସହରର ବିଭିନ୍ନ ସଙ୍ଗଠନ ପ୍ରତିନିଧି ଯୋଗଦେଇ ଗୁରୁତ୍ୱପୂର୍ଣ୍ଣ ମତ ଦେଇଥିଲେ। ପଶ୍ଚିମ ଓଡିଶାର ଏହି ଗୁରୁତ୍ୱପୂର୍ଣ୍ଣ ରେଳପ୍ରକଳ୍ପକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜାଣିଶୁଣି ଅବହେଳା କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଆସନ୍ତା ୧୧ତାରିଖରେ ହେବାକୁ ଥିବା ମହାସମ୍ମେଳନରେ ବଲାଙ୍ଗୀର, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର ପ୍ରତିନିଧିମାନେ ଯୋଗ ଦେଉଥିବାରୁ ଏଠାରେ ଚୂଡାନ୍ତ ରଣନୀତି ପ୍ରସ୍ତୁତ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ବୈଠକକୁ ସମ୍ପୂର୍ଣ୍ଣ ସମର୍ଥନ କରାଯିବ ବୋଲି ସମସ୍ତ ଉପସ୍ଥିତ ପ୍ରତିନିଧି ସମ୍ମତି ପ୍ରକାଶ କରିଥିଲେ। ସଭାରେ ନାଗରିକ କମିଟି ସଭାପତି ବେଲାରସିଂ ଭୋଇ, ଜିଲା ବାର ଆସୋସିଏଶନ୍ ସଭାପତି ଅମରେଶ ତ୍ରିପାଠୀ, ବରିଷ୍ଠ ନାଗରିକ ମଞ୍ଚସଭାପତି ପ୍ରଭାକର ମିଶ୍ର, ପୂର୍ବତନ ସୈନିକ ସଂଘ ସମ୍ପାଦକ ପ୍ରତାପ ରଥ, ଅମ୍ମା ଭଗବାନ ଅନୁଷ୍ଠାନର ଗୋପଭୂଷଣ ନାଥ, ସମାଜସେବୀ ବିକ୍ରମାନନ୍ଦ ବହିଦାର, ଆଡଭୋକେଟ ଭବାନୀ ଶଙ୍କର ଶତପଥୀ, ସଙ୍ଗଠକ ସୁରୁଲାଲ ମଟାରୀ, ରତନ ମହାରଣା, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ପ୍ରେସ କ୍ଲବ୍ ସଭାପତି ଅରୁଣ ମିଶ୍ର, ଗଣମାଧ୍ୟମ ପ୍ରତିନିଧି, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବୀରେନ୍ଦ୍ର କୁମାର ଝାଙ୍କର, ଭାଜପା ପ୍ରତିନିଧି ପୀତାମ୍ବର ଖମାରୀ, ନେତାଜୀ ସଂଗ୍ରାମୀ ପରିଷଦ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ନ୍ୟାଶନାଲ ପିସ ୟୁନିସନର ସତ୍ୟ ମିଶ୍ର, ପୂର୍ବତନ ନଗରପାଳ ପ୍ରଦୀପ ସାହୁ, ଟଙ୍ଗିଆ ଜାମ କମିଟିର ଗୋପାଳ ହୋତା, ରଞ୍ଜିତା ପାଣିଗ୍ରାହୀ, ଆରତୀ ଗୁରୁ, ମନୋରଞ୍ଜନ ସାହୁ ମତ ରଖିଥିଲେ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତୁରନ୍ତ ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପର ସମୀକ୍ଷା କରି ଉଚିତ୍ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ଏହାବାଦ୍ ଏହି ଅଞ୍ଚଳର ରାଜନୈତିକ ନେତୃବୃନ୍ଦ ସେମାନଙ୍କ ରାଜନୈତିକ ଏଜେଣ୍ଡା ସ୍ପଷ୍ଟ କରିବା ଉଚିତ୍ ବୋଲି ଆହ୍ୱାନ ଦିଆଯାଇଥିଲା। ମୁନା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ୨୭ ପ୍ରକଳ୍ପ ସମ୍ଭାଗସ୍ତରକୁ ମନୋନୀତ

**ଜ୍ଞାନବିଜ୍ଞାନ ମେଳା ଉଦ୍‌ଯାପିତ**

ଲୋଇସିଂହା,୯।୯(ଡି.ଏନ.ଏ)

ଶିକ୍ଷା ବିକାଶ ସମିତି ଓ ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ଅଗ୍ରସେନ ଭବନରେ ଗତ ଦୁଇଦିନ ଧରି ଚାଲିଥିବା ଜିଲାସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୫ଟି ସଙ୍କୁଳରୁ ୧୪୭ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିରୁ ୨୭ଶ୍ରେଷ୍ଠ ପ୍ରକଳ୍ପ ସମ୍ଭାଗସ୍ତରୀୟ ମେଳାକୁ ମନୋନୀତ କରାଯାଇଛି। ଉଦ୍‌ଯାପନୀ ସଭାରେ ପ୍ରଧାନ ଅଚାର୍ଯ୍ୟ ତଥା ଲୋଇସିଂହା ସଙ୍କୁଳ ସଂଯୋଜକ ସନାତନ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଜିଲା ପ୍ରମୁଖ ଡା.ରମାକାନ୍ତ ରାଉତ, କୈଳାସ ଅଗ୍ରୱାଲ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଦକ୍ଷିଣ-ପଶ୍ଚିମ ସମ୍ଭାଗ ସଂଯୋଜକ ଜିତେନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମେଳା ଅନୁଷ୍ଠିତ ହୋଇଥିଲା।


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

# ଖାଦ୍ୟ ପୋଷଣ ସଚେତନତା କାର୍ଯ୍ୟକ୍ରମ

ଲୋଇସିଂହା,୯।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନୁନିଆଁପାଲି ପଞ୍ଚାୟତ ସଭାଗୃହରେ ଏଏସ୍‌ଡବ୍ଲ୍ୟୁ ଓ ପଲ୍ଲୀ ଆଲୋକ ପାଠାଗାର ନଅଗାଁ(ଖ) ଆନୁକୂଲ୍ୟରେ ଖାଦ୍ୟ ପୋଷଣ, ରକ୍ତହୀନତା ଓ ଅପପୁଷ୍ଟି ଦୂରୀକରଣ ଉପରେ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛ। ଅଙ୍ଗନୱାଡି, ଆଶାକର୍ମୀ, ଗର୍ଭବତୀ, ପ୍ରସୂତି ଓ ଏସ୍‌ଏଚ୍‌ଜି ମହିଳା ଅଂଶଗ୍ରହଣ କରିଥିଲେ। ସଚେତନତା ସଭାରେ ୱାର୍ଡସଭ୍ୟ ଲିଙ୍ଗରାଜ ପଧାନ ଅଧ୍ୟକ୍ଷତା କରିଥିଲେ। ସ୍ୱେଚ୍ଛାସେବୀ ଗୋବିନ୍ଦ ବିଶି, ପ୍ରହ୍ଲାଦ ପଧାନ ଏବଂ ଗ୍ରାମ ଅଙ୍ଗନୱାଡି କର୍ମୀ ଆଲୋଚକଭାବେ ଯୋଗଦେଇଥିଲେ। ସବୁଜ ପରିବାରେ ପୁଷ୍ଟିକର ଖାଦ୍ୟ ରହିଛି। ଏହାକୁ ଖାଇବା ଦ୍ୱାରା ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଘଟିଥାଏ। ହେଲେ ବର୍ତ୍ତମାନ ଖାଦ୍ୟ ବ୍ୟବହାରରେ ପରିବର୍ତ୍ତନ ଯୋଗୁ ରକ୍ତହୀନତା, ଅପପୁଷ୍ଟି ଭଳି ସମସ୍ୟା ଦେଖାଯାଉଛି। ଏହି ସମସ୍ୟାର ସମାଧାନ ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ଘରେ ଘରେ ପୃଷ୍ଟି ବଗିଚା ସୃଷ୍ଟି କରିବାକୁ ସଚେତନ କରାଯାଉଛି। ସବୁଜ ପନିପରିବା ବହୁଳ ଭାବେ ବ୍ୟବହାର କରିବାକୁ ମହିଳାଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ପୁଷ୍ଟିକର ତତ୍ତ୍ୱଥିବା ସବୁଜ ପରିବା ପ୍ରଦର୍ଶନ କରାଯାଇଥିଲା।

# ଦେଓଗାଁ ଥାନା ନୂତନ କୋଠାର ଶିଳାନ୍ୟାସ

ଦେଓଗାଁ, ୯।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଥାନାର ନୂତନ କୋଠା ନିର୍ମାଣ ପାଇଁ ଶୁକ୍ରବାର ଶିଳାନ୍ୟାସ କରାଯାଇଛି। ରାଜ୍ୟ ହାଉସିଂ ବୋର୍ଡର ଡେପୁଟି ମ୍ୟାନେଜର ଅଜୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏସ୍‌ପି ନୀତିନ କୁଶଲକର ଯୋଗଦେଇ କୋଠାର ଶିଳାନ୍ୟାସ କରିଥିଲେ। ଏସ୍‌ଡିପିଓ ତୋଫାନ ବାଗ, ଏଏସଆଇ ଜଗତଜିବନ ସା, ଏସ୍‌ଆଇ



ଝାମୁ ଭୋଇ, ସୁଚିତ୍ର ଛତ୍ରିଆ, ସହକାରୀ ପ୍ରୋଜେକ୍ଟ ମ୍ୟାନେଜର ସନ୍ତୋଷ କୁମାର ରଣା, ଶିଶିର କୁମାର ଆଚାର୍ଯ୍ୟ, ପ୍ରୋଜେକ୍ଟ ମ୍ୟାନେଜର ଲକ୍ଷ୍ମୀଧର ମାହାକୁର ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ । ୨କୋଟି ୨୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କୋଠା ୧୦ ମାସ ମଧ୍ୟରେ ନିର୍ମାଣ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଶିକ୍ଷା ବ୍ୟକ୍ତିତ୍ୱକୁ ପରିପକ୍ୱ କରେ

**ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳିତ**

ଟିଟିଲାଗଡ଼,୯।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟର ୫୫ତମ ପ୍ରତିଷ୍ଠା ଦିବସ ଶୁକ୍ରବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଜଳସମ୍ପଦ, ପରିବହନ ଏବଂ ବାଣିଜ୍ୟ ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟ ଅତିଥି, ପଦ୍ମଶ୍ରୀ ହଳଧର ନାଗ, ଉପଜିଲାପାଳ ମନୋଜ ସତ୍ୟବାନ ମହାଜନ, କଲେଜ ପରିଚାଳନା କମିଟି ସଭାପତି ଡ଼ ଦୋଳଗୋବିନ୍ଦ ବିଶି, ଯୁକ୍ତ ୨ ବିଭାଗ ଅଧକ୍ଷ ପ୍ରଣବ ପୁରୋହିତ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ପୂର୍ବତନ ଭାଇସ୍ ଚ୍ୟାନସେଲର ସେଣ୍ଟ୍ରାଲ ୟୁନିଭର୍ସିଟି ତିରୁପତି ଓ କିସ୍ ଡ଼. ହରେକୃଷ୍ଣ ଶତପଥୀ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ମେଜର ମଧୁସୂଦନ ମିଶ୍ର ପ୍ରାରମ୍ଭିକ ଭାଷଣ ଦେଇଥିଲେ। ପ୍ରଫେସର ବନ୍ଦନା କର ମଞ୍ଚ ପରିଚାଳନା କରିଥିବା ବେଳେ ଅଧାପିକା ଆଲୋକ ଲକ୍ଷ୍ମୀ ବେହେରା, ସସ୍ମିତା ପାଣିଗ୍ରାହୀ ବୈଜୟନ୍ତୀ ସିଂ ଏଥିରେ ସହଯୋଗ କରିଥିଲେ।

ସମ୍ମାନୀତ ଅତିଥି ପଦ୍ମଶ୍ରୀ ନାଗ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ବିଦ୍ୟା ଅଧ୍ୟୟନ ଦ୍ୱାରା ଡିଗ୍ରୀ ମିଳିଥାଏ, କିନ୍ତୁ ଶିକ୍ଷା ବ୍ୟକ୍ତିର ବ୍ୟକ୍ତିତ୍ୱକୁ ପରିପକ୍ୱ କରିଥାଏ। ଏହି ଶିକ୍ଷା ବ୍ୟକ୍ତି ପରିବାରରୁ, ସମାଜରୁ ଗ୍ରହଣ କରିଥାଏ। ସେ ଆହୁରି କହିଥିଲେ ଯେ, ତାଙ୍କ ପାଖରେ ଶିକ୍ଷା ସମ୍ପର୍କିତ କୌଣସି ପ୍ରମାଣପତ୍ର ନ ଥିଲେ ବି ଭାଷା ପ୍ରତି ଥିବା ସମର୍ପଣ ତାଙ୍କୁ ସମ୍ମାନ ଦେଇଛି। ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ବିଭୂଷିତ କରଛନ୍ତି। ଏହି ଅବସରରେ ପଦ୍ମଶ୍ରୀ ନାଗ କୋଶଲି ଭାଷାରେ କବିତା ପାଠ କରି ଉପସ୍ଥିତ ଅତିଥି, ଛାତ୍ରୀଛାତ୍ରଙ୍କୁ ବିମୋହିତ କରିଥିଲେ। ମନ୍ତ୍ରୀ ଟୁକୁନି ସାହୁ ତାଙ୍କ ବକ୍ତବ୍ୟରେ ମହାବିଦ୍ୟାଳୟର ସମସ୍ତ ସମସ୍ୟା ସମାଧାନ ପାଇଁ ଚେଷ୍ଟା ଜାରି ରଖିଥିବା କହିଥିଲେ। ଏହି ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅଧାପକ ନନ୍ଦ କୁମାର ହୋତା, ବିଧାନ ଚନ୍ଦ୍ର ମିଶ୍ର, କୃଷ୍ଣଚନ୍ଦ୍ର ଶତପଥୀ, ସ୍ୱଦେଶ ବେହେରା, ସଞ୍ଜୟ ପଟ୍ଟନାୟକ, ସୁଶୀଲ ପାଢ଼ୀ, ବେଦବର ରଣା, ବୈଷ୍ଣବ କବାଟ ପ୍ରମୁଖ ସହାୟତା କରିଥିଲେ। ପ୍ରତିଷ୍ଠା ଦିବସ ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା, ସର୍ବୋଚ୍ଚ ନମ୍ବର ରଖିଥିବା ଯୁକ୍ତ ୨ ଏବଂ ଯୁକ୍ତ ୩ର ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।



ପ୍ରତିଷ୍ଠା ଦିବସ ସମାରୋହରେ ଜଣେ କୃତୀ ଛାତ୍ରୀଙ୍କୁ ମନ୍ତ୍ରୀ ସମ୍ମାନୀତ କରୁଛନ୍ତି।

## ସଂକ୍ଷେପରେ

### ଡିକି ଭାଙ୍ଗି ୯୦ହଜାର ଲୁଟିନେଲେ

ଅମରପାଲି,୯।୯(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ବ୍ଲକ ସୁବଳୟା ଥାନା ଅନ୍ତର୍ଗତ ବୁଟୁଖମନ ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଇକ ଡିକି ଭାଙ୍ଗି ଦୁର୍ବୃତ୍ତ ୯୦ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍ ଶିକାର ହରପ୍ରସାଦ ପ୍ରଧାନଙ୍କ ଅଭିଯୋଗ ଆଧାରରେ ବୀରମହାରାଜପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସି ଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି। ଶୁକ୍ରବାର ହରପ୍ରସାଦ ବ୍ୟାଙ୍କରୁ ୯୦ହଜାର ଟଙ୍କା ଉଠାଇ ବାଇକ(ଓଡି ୩୧-୧୯୮୧) ଡିକିରେ ରଖି ମହାନଦୀ ନେତ୍ର ଚିକିତ୍ସାଳୟକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ଡିକି ଭଙ୍ଗା ପଡିଥିଲା ଓ ସେଥିରେ ଥିବା ଟଙ୍କା ନ ଥିଲା।

### ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡାଦେଶ

#### ମହିଳାଙ୍କୁ ଛୁରିରେ ଆକ୍ରମଣ ମାମଲା

ବୌଦ୍ଧ,୯।୯(ସ୍ୱ.ପ୍ର): ବୌଦ୍ଧ ଜିଲା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ସହକାରୀ ଦୌରାଜଜ୍ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାଏ ଶୁକ୍ରବାର ଏକ ମାମଲାର ବିଚାରକରି ଜଣେ ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡାଦେଶ ଆଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ବୌଦ୍ଧ ସହରର ଖଲିଆବଗିଚା ସାହିର ଚନ୍ଦ୍ରଶେଖର ଦଳବେହେରା ଗତ ୧୨।୮।୨୦୧୮ରେ ପୁରୀକୁ ବୋଲବମ ଯାତ୍ରାରେ ଯାଇଥିଲେ। ଗତ ୧୩।୮।୨୦୧୮ରେ ଚନ୍ଦ୍ରଶେଖରଙ୍କ ଘରେ ଥିବା ଭଉଣୀମାନେ ସକାଳୁ ବିଲକୁ କାମ କରିବାକୁ ଯାଇଥିଲେ ଓ ଘରେ ସ୍ତ୍ରୀ କଲ୍ୟାଣୀ ଦଳବେହେରା ଏକୁଟିଆ ଥିଲେ। କିନ୍ତୁ ଉକ୍ତ ଦିନ ଅପରାହ୍ନ ସମୟରେ କେହି ଜଣେ ଆସି ଏକ ଧାରୁଆ ଛୁରୀରେ ହଠାତ ଆକ୍ରମଣ କରିଥିଲେ। ଆକ୍ରମଣ ଯୋଗୁ କଲ୍ୟାଣୀ ପାଟିକରିବାରୁ ପଡିଶା ଘର ଲୋକମାନେ ଆସିବାରୁ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ କଲ୍ୟାଣୀଙ୍କୁ ଚିକିତ୍ସା ପାଇଁ ବୌଦ୍ଧ ମେଡିକାଲକୁ ନିଆଯାଇଥିଲା। ଚନ୍ଦ୍ରଶେଖର ପୁରୀରୁ ଫେରି ଘଟଣା ଜାଣିବା ପରେ ଗତ ୧୫।୮।୨୦୧୮ରେ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବୌଦ୍ଧ ପୋଲିସ ଥାନା କେସ ନଂ. ୧୭୧/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ପୋଲିସ ଏହି ଘଟଣାରେ ବୌଦ୍ଧ ଥାନା ଗମ୍ଭାରିପଦର ଗ୍ରାମର ପାର୍ଥ ଷାଣ୍ଡ (୩୮) ବୋଲି ଜାଣିବା ପରେ ପାର୍ଥ ନାମରେ ମାମଲା ରୁଜୁ କରି କୋର୍ଟକୁ ବିଚାର ପାଇ ପଠାଇଥିଲା। ପରବର୍ତ୍ତୀ ସମୟରେ ମାମଲାଟି ବୌଦ୍ଧ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଏସ୍‌ଟି ୯/୧୯ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୪ ଜଣ ସାକ୍ଷୀଙ୍କ ବୟାନଙ୍କୁ ଭିତ୍ତିକରି ପ୍ରମାଣ ଥିବାନେଇ ଅଦାଲତ ଅଭିଯୁକ୍ତ ପାର୍ଥ ଷାଣ୍ଡକୁ ୩ ବର୍ଷ କାରାଦଣ୍ଡାଦେଶ ଆଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦେବରଞ୍ଜନ ବିଶି ମାମଲା ପରିଚାଳନା କରୁଥିଲେ।

# ଆନ୍ତଃରାଜ୍ୟ ବାଇକ୍ ଚୋରି ର‌୍ୟାକେଟ୍ ଠାବ

## ୨ ଗିରଫ, ୧୨ ବାଇକ୍ ଜବତ

ସୋନପୁର,୯।୯(ନି.ପ୍ର.)

ଜନଗହଳିପୂର୍ଣ୍ଣ ଅଞ୍ଚଳରୁ ବାଇକ୍ ଚୋରି କରୁଥିବା ଏକ ଆନ୍ତଃରାଜ୍ୟ ବାଇକ୍ ଚୋରି ର‌୍ୟାକେଟ୍‌କୁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପୋଲିସ ଠାବ କରି ଛି । ଏହି ଘଟଣାରେ ବୌଦ୍ଧ ଜିଲାର ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବୌଦ୍ଧ ଜିଲା ମନମୁଣ୍ଡା ଥାନା କାଦୋପଦର ଗ୍ରାମର ଧରଣୀ ରାଜହଂସ(୨୧) ଓ କନ୍ଧମାଳ ଥାନା ଗମ୍ଭାରୀପଦର ଗ୍ରାମର ଗୋପାଳ ମହାନନ୍ଦ(୨୫)। ଧରଣୀ ଓ ଗୋପାଳଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ର‌୍ୟାକେଟ୍‌ରେ ସମ୍ପୃକ୍ତ ୨ନାବାଳକଙ୍କୁ ପୋଲିସ ଅଟକ ରଖିଛି। ଅଭିଯୁକ୍ତଙ୍କ ନିକଟରୁ ୧୨ଟି ବାଇକ୍ ଜବତ କରାଯାଇଛି। ବାଇକ୍‌ଗୁଡିକ ପଡୋଶୀ ରାଜ୍ୟ ଛତିଶଗଡ ଓ ପଶ୍ଚିମ ଓଡିଶାର ସୁବର୍ଣ୍ଣପୁର, ବୌଦ୍ଧ, ବରଗଡ, ବଲାଙ୍ଗୀର ଓ ସମ୍ବଲପୁର ଜିଲାରୁ ଚୋରି ହୋଇଥିଲା। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଛି। ସେହିପରି ଚୋରି ବାଇକ୍‌ଗୁଡିକୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଥିବା ଜିଲା ପୋଲିସ ମୁଖ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଅମରେଶ କୁମାର ପଣ୍ଡା ସୂଚନା ଦେଇଛନ୍ତି। ବୀରମହାରାଜପୁର ମାର୍କେଟ୍‌ରୁ ହିଙ୍ଗମା ଗ୍ରାମର ଉମେଶ ମାଝିଙ୍କ ବାଇକ୍ (ନଂ.ଓଡି୩୧ସି-୫୫୭୦) ଗତ ଫେବୃୟାରୀ ୩ ତାରିଖରେ ଚୋରି ହୋଇଥିଲା। ଉମେଶ ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା(୨୩/୨୨)ରୁଜୁ ହୋଇଥିଲା। ବୀରମହାରାଜପୁର ପୋଲିସ ତଦନ୍ତ ସମୟରେ ପ୍ରଥମେ ଉମେଶଙ୍କ ବାଇକ୍‌କୁ ଉଦ୍ଧାର କରିଥିଲା। ଘଟଣାର ଅଧିକ ତଦନ୍ତ ପରେ ଏଥିରେ ଏକ ବଡ ର‌୍ୟାକେଟ୍ ଥିବା ଜଣା ପଡିଥିଲା । ପୋଲିସ ଏହି ର‌୍ୟାକେଟ୍‌ର ୪ଜଣଙ୍କୁ ଧରିଛି। ଅଭିଯୁକ୍ତ ଧରଣୀ ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି କରୁଥିଲେ। ଅନ୍ୟତମ ଅଭିଯୁକ୍ତ ଗୋପାଳ ଚୋରି ବାଇକ୍‌ଗୁଡିକୁ ନିଜ ଘରପାର୍ଶ୍ୱରେ ବନ୍ଦଥିବା ଏକ ସ୍କୁଲ ଘରେ ରଖୁଥିଲେ। ବନ୍ଦ ସ୍କୁଲର ଚାବି ଗୋପାଳଙ୍କ ନିକଟରେ ରହିଥିଲା। ଗଞ୍ଜେଇ ଚୋରା ଚାଲାଣକାରୀମାନେ ଚୋରି ବାଇକ୍‌ଗୁଡିକୁ କମ୍‌ଦରରେ କିଣି ଗଞ୍ଜେଇ ଚାଲାଣ କରୁଥିଲେ। ପୋଲିସ ସ୍କୁଲ କୋଠରିରୁ ୧୧ଟି ବାଇକ୍ ଜବତ କରିଛି। ଅନ୍ୟପକ୍ଷେ ଅଭିଯୁକ୍ତ ନାବାଳକଙ୍କୁ ରାଉରକେଲା ସ୍ଥିତ ବାଳ ସ୍ୱଧାରଗୃହକୁ ପଠାଯିବ ବୋଲି ଜଣାପଡିଛି। ଏହି ସମ୍ମିଳନୀରେ ବୀରମହାରାଜପୁର ଏସ୍‌ଡିପିଓ ଡୋଲାମଣି ଭୋଇ ଓ ଆଇଆଇସି ପଦ୍ମାସିନୀ ମେହେର ଉପସ୍ଥିତ ଥିଲେ।



ଜବତ ବାଇକ୍ ଓ ଗିରଫ ଅଭିଯୁକ୍ତ।

## ବାଇକ୍ ଡିକିରୁ ୨୦ ହଜାର ଟଙ୍କା ଲୁଟ୍ ଅଭିଯୋଗ

ବୌଦ୍ଧ,୯।୯(ସ୍ୱ.ପ୍ର)

ବୌଦ୍ଧ ସହର ଦେଇଯାଇଥିବା ୫୭ ନମ୍ବର ଜାତୀୟ ରାଜପଥ ଗ୍ୟାସ ଗୋଦାମ ନିକଟରୁ ଶୁକ୍ରବାର ଏକ ବାଇକ୍ ଡିକିରୁ ୨୦ହଜାର ଟଙ୍କା ଲୁଟ୍ ହୋଇଥିବା ନେଇ ବୌଦ୍ଧ ଥାନାରେ ଅଭିଯୋଗ ହୋଇଛି। ସୂଚନା ମତେ, ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅନ୍ତର୍ଗତ ଝାରମୁଣ୍ଡା ଗ୍ରାମର ପ୍ରଭାତ ବାରିକ ବୌଦ୍ଧ ସହରକୁ ଆସି ଖଲିଆବଗିଚାଠାରେ ଥିବା ୟୁନିୟନ ବ୍ୟାଙ୍କରୁ ସୁନା ବନ୍ଧକ ରଖି ୨୦ ହଜାର ଉଠାଇ ନିଜ ବାଇକ ଡିକିରେ ରଖି ଘରକୁ ଫେରୁଥିଲେ। ଗ୍ୟାସ ଗୋଦାମଠାରେ କୌଣସି କାମ ପାଇଁ ବାଇକରୁ ଓହ୍ଲାଇ ସେଠାରେ ଥିବା ଦୋକାନକୁ ଯାଇଥିଲେ। ସେଠାରୁ ଆସି ଦେଖନ୍ତି ବାଇକ୍ ଡିକିରେ ରଖାଯାଇଥିବା ଟଙ୍କା ନାହିଁ। ସେ ଏଣେ ତେଣେ ଖୋଜାଖୋଜି କରିବା ପରେ ନ ପାଇବାରୁ ବୌଦ୍ଧ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ଅଭିଯୋଗ ପରେ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଯାପିତ

ବରଗଡ଼ ଅଫିସ୍,୯।୯

ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ)ରେ ଶୁକ୍ରବାର ବିଭାଗ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଉଦ୍‌ଯାପିତ ହୋଇଛି। ଏଥିରେ ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧ୍ୟକ୍ଷ ସଦାକର କୁମ୍ଭାର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସଂଭାଗ ସଂଯୋଜକ ଜ୍ୟୋତି ରଞ୍ଜନ ମିଶ୍ର, ବରଗଡ଼ ବିଭାଗ ନିରୀକ୍ଷକ ବିଜନ କୁମାର ଜେନା, ଶିଶୁ ମନ୍ଦିର ପରିଚାଳନା ସମିତି ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ଦିଲୀପ କୁମାର ମହାପାତ୍ର, ପଶ୍ଚିମ ସଂଭାଗର କୋଷାଧ୍ୟକ୍ଷ ଶିବ ପ୍ରସାଦ ବାଗ, ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ପ୍ରଧାନ ପ୍ରମୁଖ ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଥିଲେ। ଏହି ଅବସରରେ ଅନୁଷ୍ଠିତ ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ ଏବଂ ସଂସ୍କୃତ ଜ୍ଞାନ କଥା କଥନରେ ଭେଡ଼େନ ବ୍ଲକ ଖୁଣ୍ଟୁଲିପାଲି ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିଥିଲେ। ସଂସ୍କୃତ ଜ୍ଞାନ କଥା କଥନରେ ଖୁଣ୍ଟୁଲିପାଲି ସରସ୍ୱତୀ ଶିଶୁ ମନ୍ଦିରର ଅଭିଲିପ୍‌ସା ଖମାରୀ ଦ୍ୱିତୀୟ, ବିଜ୍ଞାନ ପ୍ରକଳ୍ପରେ ଅନ୍ୱେଷା ସାହୁ ତୃତୀୟ, ବିଜ୍ଞାନ ପ୍ରୟୋଗରେ ଅର୍ପିତା ତ୍ରିପାଠୀ ତୃତୀୟ ହୋଇଥିଲେ। ସେହିପରି ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚରେ ସୁଶ୍ରୀ କ୍ରିଷ୍ଣାରାଣୀ ମିଶ୍ର, ଅବିନାଶ ହୋତା, ରୋଶନ ସେଣ ଦ୍ୱିତୀୟ ହୋଇଥିଲେ। ସେହିପରି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସାନନ୍ଦ ଭୋଇ, ଜିଲା ପ୍ରମୁଖ ଶଙ୍କର୍ଷଣ ମେହେର, ଶୈକ୍ଷିକ ସଂଯୋଜକ ସୌଭାଗ୍ୟ ପ୍ରଧାନ, ସଙ୍କୁଳ ପ୍ରମୁଖ ଆନନ୍ଦ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼, ଭେଡ଼େନ, ଭଟଲି, ବିଜେପୁର ଏବଂ ପଦ୍ମପୁର ସଙ୍କୁଳର ୧୭୦ଜଣ ଛାତ୍ରୀଛାତ୍ର, ୨୧ଜଣ ପରିଚାଳକ, ୨୨ଜଣ ବିଚାରକ ଯୋଗଦାନ କରିଥିଲେ। ଗୁରୁମା ତନୁଜା ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଜ୍ଞାନ ପ୍ରମୁଖ ସଞ୍ଜୀବ ସରକାର, ସହ ପ୍ରମୁଖ ମୀନକେତନ ଦାଶଙ୍କ ସମେତ ପରିଚାଳନା ସମିତିର ସମସ୍ତ ସଦସ୍ୟ, ଗୁରୁମା, ଗୁରୁଜୀ, ସେବିକା, ସେବକ ସହଯୋଗ କରିଥିଲେ।



ଟ୍ରଫି ସହିତ ଖୁଣ୍ଟୁଲିପାଲି ସରସ୍ୱତୀ ଶିଶୁ ମନ୍ଦିରର ୪ ଛାତ୍ରୀଛାତ୍ର ।

## ଅଜଣା ଗାଡ଼ି ଧକ୍କାରେ ୨ ମୃତ

ବରଗଡ଼ ଅଫିସ୍,୯।୯

ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ତରାଜୁଙ୍ଗା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ତରାଜୁଙ୍ଗା ଗ୍ରାମର ରାମନିବାସ ମିର୍ଦ୍ଧା(୩୧) ଏବଂ ଅତାବିରା ଥାନା ଟୋପ୍ ଗ୍ରାମର ଡୋଲାମଣି ମେହେର(୩୧)। ସେହିପରି ଏହି ଦୁର୍ଘଟଣାରେ ତରାଜୁଙ୍ଗା ଗ୍ରାମର ସୁରେନ୍ଦ୍ର ଗହୀର(୩୬) ଗୁରୁତର ହୋଇଛନ୍ତି। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭିମସାର୍, ବୁର୍ଲା ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଏ ନେଇ ଭଟଲି ଥାନା ପୋଲିସ ଏକ ମାମଲା (ନଂ.୧୯୨/୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଉକ୍ତ ମୃତାହତମାନେ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ରାସ୍ତା ଉପରେ ସେମାନେ ରକ୍ତ ଜୁଡ୍ଡୁବୁଡ୍ଡୁ ଅବସ୍ଥାରେ ପଡ଼ିଥିବା ସୂଚନା ମିଳିଥିଲା। ପୋଲିସ ଘଟଣାସ୍ଥଳକୁ ପହଞ୍ଚି ସେମାନଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁଆଣିଥିଲା। ଡାକ୍ତରଖାନାରେ ରାମନିବାସଏବଂ ଡୋଲାମଣିଙ୍କୁ ମୃତ ଘୋଷଣା କରାଯାଇଥିଲା। ପୋଲିସ ଏ ନେଇ ଅଧିକ ତଦନ୍ତ କରୁଛି ।

# ମୃତକଙ୍କ ପରିବାରକୁ ମିଳିଲା ବୀମା ସହାୟତା





ମୃତକଙ୍କ ସ୍ତ୍ରୀଙ୍କୁ ବୀମା ସହାୟତା ବାବଦକୁ ଚେକ୍ ପ୍ରଦାନ କରାଯାଉଛି ।

ବରଗଡ଼ ଅଫିସ୍,୯।୯

ବରଗଡ଼ ଜିଲା କଳାପାଣି ସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କ ଗ୍ରାହକ ସେବାକେନ୍ଦ୍ରରେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ସହାୟତା ରାଶି ପ୍ରଦାନ କରାଯାଇଛି। କିଛିଦିନ ତଳେ ସଡ଼କ ଦୁର୍ଘଟଣାରେ ତାଳଶ୍ରୀଗିଡ଼ା ପଞ୍ଚାୟତ ପୋଡ଼ପାଲି ଗ୍ରାମର କାର୍ତ୍ତିକ ମାଛିଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପୂର୍ବରୁ କାର୍ତ୍ତିକ କଳାପାଣି ସ୍ଥିତ ଗ୍ରାହକ ସେବାକେନ୍ଦ୍ରରେ ଏକ ଖାତା ଖୋଲି ନିଜର ବୀମା କରାଇଥିଲେ। ମୃତ୍ୟୁ ପରେ କାର୍ତ୍ତିକଙ୍କ ସ୍ତ୍ରୀ ବିଳାସିନୀଙ୍କୁ ଏହି ଯୋଜନାରେ ୨ଲକ୍ଷ ଟଙ୍କା ବୀମା ରାଶି ବାବଦକୁ ଏକ ଚେକ୍ ପ୍ରଦାନ କରାଯାଇଛି। ଭାରତୀୟ ଷ୍ଟେଟବ୍ୟାଙ୍କ ବରଗଡ଼ ବଜାର ଶାଖାର ପରିଚାଳକ ବିନୟ କୁମାର ଦାସ, ବିଜନେସ୍ ମ୍ୟାନେଜର ପ୍ରକାଶ ବେହେରା ତାହା ପ୍ରଦାନ କରିଥିଲେ। ଗ୍ରାହକ ସେବାକେନ୍ଦ୍ରର ପରିଚାଳକ ପ୍ରଦୀପ ମାହାର, ଅମିଳ ସାହୁ, ଶରତ ସାହୁ, ବିପିନ ପ୍ରଧାନ, ସୋମନାଥ ଜାଲ ପ୍ରମୁଖ ଉପସ୍ଥିତ ଥିଲେ।

# ସତ୍ୟାଗ୍ରହ ପାଇଁ ଚାଷୀଙ୍କ ସମ୍ପର୍କ ଯାତ୍ରା



ସଭାରେ ମଞ୍ଚାସୀନ କୃଷକ ସଙ୍ଗଠନର ନେତୃବୃନ୍ଦ।

ଜାମଟିକ୍ରା, ୯।୯(ଡି.ଏନ.ଏ.)

ନବନିର୍ମାଣ କୃଷକ ସଙ୍ଗଠନ ଆହ୍ୱାନକ୍ରମେ ପ୍ରାଇସ, ପ୍ରେଷ୍ଟିଜ ଓ ପେନସନ ଦାବିରେ ଅକ୍ଟୋବର ୧୪ରୁ ଚାଷୀ ସତ୍ୟାଗ୍ରହ ଅନୁଷ୍ଠିତ ହେବ। ଏହି ସତ୍ୟାଗ୍ରହରେ ଚାଷୀମାନେ ଯୋଗଦାନ କରିବା ନେଇ ସଚେତନତା ସୃଷ୍ଟି ପାଇଁ ଶୁକ୍ରବାର ଅତାବିରା ଆନନ୍ଦ ମଣ୍ଡପ ଠାରୁ ଲାଦରପାଲି ରାମଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ଏକ ବାଇକ୍ ରାଲି ଅନୁଷ୍ଠିତ ହୋଇଯାଇଛି। ପରେ ଲାଦରପାଲି କଲ୍ୟାଣ ମଣ୍ଡପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ କୃଷକ ସଙ୍ଗଠନ ସଭାପତି ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ନବନିର୍ମାଣ କୃଷକ ସଙ୍ଗଠନ ସଦସ୍ୟ ପ୍ରଦ୍ୟୁମ୍ନ କୁମାର ପାଢ଼ୀ, ବୀରମିତ୍ର ପ୍ରଧାନ, ଆପା ରାଓ, ଭୁବନ ପ୍ରଧାନ, ବୁଦ୍ଧଦେବ ନନ୍ଦ, ଟିକେଲାଲ ମିଶ୍ର, ଚୈତନ୍ୟ କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ। ଓଡିଶାର ଚାଷୀଙ୍କୁ ୫ ହଜାର ଲେଖାଏଁ ସୁରକ୍ଷା ଭତ୍ତା ପାଇଁ ବଜେଟରେ ବ୍ୟବସ୍ଥା, ବାର୍ଦ୍ଧକ୍ୟ ଭତ୍ତା ୨ ହଜାର ଟଙ୍କାକୁ ବୃଦ୍ଧି, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୯୩୦ ଟଙ୍କାକୁ ବୃଦ୍ଧି, କ୍ଷୀର ଲିଟର ପିଛା ୬୦ ଟଙ୍କା କରିବା ଦାବି କରିବା ପାଇଁ ସଭାରେ ଆଲୋଚନା କରାଯାଇଥିଲା। ଶେଷରେ ଦଶରଥ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସୁରେନ୍ଦ୍ର ସ୍ୱାଇଁ, ହରେରାମ ପ୍ରଧାନ, ଭରତ ମଲ୍ଲିକ, ନରେନ୍ଦ୍ର ଭୋଇ, ସୁବାଷ ଭୋଇ, ସଂକ୍ରାନ୍ତି ବାବୁ, ଅମୂଲ୍ୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଯୋଗ୍ୟ ହିତାଧିକାରୀ ଚିହ୍ନଟ ଶିବିର

ଅମରପାଲି,୯।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଚମ୍ପାମାଳ ପଞ୍ଚାୟତ ପରିସରରେ ସାମାଜିକ ସୁରକ୍ଷା ଓ ମଧୁବାବୁ ପେନସନ ଯୋଜନାରେ ସାମିଲ ପାଇଁ ନୂତନ ହିତାଧିକାରୀ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସ୍ଥାନୀୟ ସରପଞ୍ଚ ମହେନ୍ଦ୍ର ଜଗଦଲା ଶୁଭାରମ୍ଭ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଞ୍ଜୁଲତା ମିଶ୍ର, ପିଇଓ ଗୌରଚରଣ ମହାପାତ୍ର, ଜିଆରଏସ ହିମାଂଶୁ ଶେଖର ଖମାରୀ, ପି.ଏ ଶିବାନୀ ଦାସ ଯୋଗଦେଇଥିଲେ। ୨୦ଟି ଅନଲାଇନ ଭତ୍ତା ଆବେଦନ କରାଯାଇଥିଲା। ତନ୍ମଧ୍ୟରୁ ୧୫ଟି ବାର୍ଦ୍ଧକ୍ୟ, ଗୋଟିଏ ଲେଖାଏ ବିଧବା ଓ ଦିବ୍ୟାଙ୍ଗ ଭତ୍ତା, ଅବିବାହିତ କନ୍ୟାଙ୍କ ଭତ୍ତା ସମ୍ପର୍କିତ ୩ଟି ଆବେଦନ ପତ୍ର ପ୍ରମାଣ ପତ୍ର ଗ୍ରହଣ କରାଯାଇଥିଲା। ଆଗାମୀ ଦିନରେ ଆବେଦନଗୁଡିକ ତର୍ଜମା ପରେ ଆବଶ୍ୟକ ପକ୍ରିୟା କରାଯିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ସମସ୍ତ ୱାର୍ଡ ସଭ୍ୟାସଭ୍ୟ ସହଯୋଗ କରିଥିଲେ। ଯୋଗ୍ୟ ହିତାଧିକାରୀ ଠିକ୍ ଭାବେ ଚୟନ କରି ବିଭିନ୍ନ ଯୋଜନାରେ ସାମିଲ କରିବାକୁ ସରପଞ୍ଚ ଜଗଦଲା ନିର୍ଦ୍ଦେଶ ଦେଇଥିଲେ।



ଶିବିରରେ ଉପସ୍ଥିତ ଅଧିକାରୀ ଓ ସରପଞ୍ଚ।

# ବିକାଶ ପାଳିଲା ବିଶ୍ୱ ସାକ୍ଷରତା ଦିବସ

ବରଗଡ଼ ଅଫିସ୍,୯।୯

ବରଗଡ଼ ସହର ଉପକଣ୍ଠ ବିକାଶ ଲ ସ୍କୁଲରେ ଗୁରୁବାର ବିଶ୍ୱ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଲ ସ୍କୁଲ ଅଧ୍ୟକ୍ଷ ପ୍ରଫେସର ଡଃ ବିକ୍ରମ କୁମାର ଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଡଃ ଦାସ ଅଭିଭାଷଣରେ କହିଥିଲେ, ଲୋକଙ୍କୁ ସାକ୍ଷର କରିବା ଦିଗରେ ପ୍ରତ୍ୟେକ ଆଇନ ଛାତ୍ରୀଛାତ୍ରଙ୍କ ଗୁରୁଦାୟିତ୍ୱ ରହିଛି। ଯେତେବେଳ ପର୍ଯ୍ୟନ୍ତ ଆମେ ସମ୍ପୂର୍ଣ୍ଣ ସାକ୍ଷର ହୋଇନାହୁଁ, ସେ ପର୍ଯ୍ୟନ୍ତ ଜୀବନର ମୂଲ୍ୟବୋଧ ସମାଜରେ ପ୍ରତିଫଳିତ ହୋଇ ପାରିବନାହିଁ। ଅଧ୍ୟାପକ ନୟନଜ୍ୟୋତି ଦାସ ନିରକ୍ଷରତାର କାରଣ ଏବଂ ତାର ଉପଚାର ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଅଧ୍ୟାପକ ଜୈମିନୀ କୁମାର ସାହୁ ମାନବିକ ଅଧିକାର ପାଇଁ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ତୃତୀୟ ବର୍ଷ ଛାତ୍ରୀ ରାକ୍ଷୀ ପ୍ରଧାନ ସମ୍ବିଧାନର ଧାରା(କ) ଉପରେ ନିଜ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବିକାଶର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ଯୋଗଦେଇ ସାକ୍ଷରତା ହାର ବୃଦ୍ଧି ପାଇଁ କାର୍ଯ୍ୟ କରିବାକୁ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ଶିବାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ବିକାଶ ଲ ସ୍କୁଲରେ ବିଶ୍ୱ ସାକ୍ଷରତା ଦିବସ ପାଳନ କରାଯାଉଛି ।

# ମୃତକଙ୍କ ପରିବାରକୁ ୫ଲକ୍ଷ କ୍ଷତିପୂରଣ ଦିଅ

## ବିଦ୍ୟୁତ୍ ଆଘାତରେ ଚାଷୀ ମୃତ୍ୟୁ ଘଟଣା

- ମୁଖ୍ୟ ଶାସନ ସଚିବ, ଜିଲାପାଳଙ୍କୁ ଏନ୍‌ଏଚ୍‌ଆରସିଙ୍କ ନିର୍ଦ୍ଦେଶ
- ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କର

ସୋନପୁର,୯।୯(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ତରଭା ଥାନା ଚାରଭଟା ଗାଁର ଚାଷୀ ମୋହନ ରଣା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨୦୨୦ ଡିସେମ୍ବର ୨୪ରେ ମୃତ୍ୟୁବରଣ କରିଥିଲେ। ଏହି ଘଟଣାରେ ମୃତ ଚାଷୀଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି) ଓଡିଶା ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିପୂରଣ ରାଶି ପ୍ରଦାନ କରି ତାର ପ୍ରମାଣ ସହ ୬ ସପ୍ତାହ ମଧ୍ୟରେ ସବିଶେଷ ରିପୋର୍ଟ ଦାଖଲ କରିବାକୁ ମଧ୍ୟ କମିଶନ ତାଗିଦ୍ କରିଛନ୍ତି। ଏଥିସହିତ ମୃତ ଚାଷୀଙ୍କ ପରିବାରକୁ ସମସ୍ତ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରି ସହାୟତା ଯୋଗାଇ ଦେବାକୁ ସୁବର୍ଣ୍ଣପୁର ଜିଲାପାଳଙ୍କୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ଭବାନୀପାଟଣାର ମାନବାଧିକାର କର୍ମୀ ଦିଲ୍ଲୀପ କୁମାର ଦାସଙ୍କ ପକ୍ଷରୁ ଆଗତ ମାମଲା(ନଂ ୪୬୭/୧୮।୩୫।୨୦୨୨୦)ର ବିଚାର କରି ଜାତୀୟ ମାନବାଧିକାର କମିଶନ ସେପ୍ଟେମ୍ବର ୯ ତାରିଖରେ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ୨୦୨୦ ଡିସେମ୍ବରରୁ ଉକ୍ତ ମାମଲା ଆଗତ ହୋଇଥିଲେ ହେଁ କୋଭିଡ ମହାମାରୀ ଜନିତ ଲକଡାଉନ ଯୋଗୁଁ ଏହାର ତଦନ୍ତ ଓ ଶୁଣାଣି ପ୍ରକ୍ରିୟା ବିଳମ୍ବ ହୋଇଥିଲା। ୨୧ ଫେବୃୟାରୀ ୨୦୨୨ରେ କମିଶନ ପକ୍ଷରୁ ଶକ୍ତି ବିଭାଗ ଓ ସୁବର୍ଣ୍ଣପୁର ଏସ୍‌ପିଙ୍କୁ ନୋଟିସ ଜାରି କରି ରିପୋର୍ଟ ମଗାଯାଇଥିଲା। ଏହାର ଜବାବରେ ଏସ୍‌ପି ଗତ ମାର୍ଚ୍ଚ ୨୨ରେ ଓ ଶକ୍ତି ବିଭାଗ ପକ୍ଷରୁ ଗତ ମେ ୨୦ରେ ସବିଶେଷ ରିପୋର୍ଟ କମିଶନଙ୍କ ନିକଟରେ ଦାଖଲ କରିଥିଲେ। ଏହି ଦୁଇଟି ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା ଯେ, ଟିପିଡବ୍ଲ୍ୟୁଓଡିଏଲର ଅବହେଳା ଓ ଖାମଖିଆଲି ମନୋଭାବ ଯୋଗୁଁ ମୋହନ ରଣାଙ୍କ ମୃତ୍ୟୁ ଘଟିଛି। ସୁବର୍ଣ୍ଣପୁର ସ୍ଥିତ ଶକ୍ତି ବିଭାଗର ନିର୍ବାହୀ ଯନ୍ତ୍ରୀ ଓ ଉପବିଦ୍ୟୁତ୍ ନିରୀକ୍ଷକଙ୍କ ତଦନ୍ତ ରିପୋର୍ଟରୁ ସ୍ପଷ୍ଟ ହୋଇଛି ଯେ, ଟାଟା ପାୱାର ପକ୍ଷରୁ କେନ୍ଦ୍ରୀୟ ବିଦ୍ୟୁତ୍ ସୁରକ୍ଷା ଅଧିନିୟମ-୨୦୧୦ର ଧାରା-୫୮, ୪୬(୭), ୧୮ ଓ ଧାରା ୫କୁ ଉଲ୍ଲଘଂନ କରି ଉଚ୍ଚ ଶକ୍ତି ବିଦ୍ୟୁତ୍ ତାରର ସଠିକ୍ ଉଚ୍ଚତା ରକ୍ଷା କରା ଯାଇନାହିଁ। କିମ୍ବା ତରଭା ଥାନା ଅଞ୍ଚଳରେ କୌଣସି ସୁରକ୍ଷା ଅଧିକାରୀ ନିଯୁକ୍ତି ଦିଆଯାଇନାହିଁ। ଯାହା ଫଳରେ ୧୧କେଭି ତାର ଝୁଲି ରହିଥିଲେ ମଧ୍ୟ ତାର ରକ୍ଷଣାବେକ୍ଷଣ ଠିକ୍ ଭାବରେ ହୋଇନାହିଁ। ଏହି ରିପୋର୍ଟକୁ ଆଧାର କରି ଜାତୀୟ ମାନବାଧିକାର କମିଶନ ଚାଷୀ ମୋହନଙ୍କ ମୃତ୍ୟୁ ପାଇଁ ରାଜ୍ୟ ସରକାରଙ୍କୁ ସମ୍ପୂର୍ଣ୍ଣ ଭାବରେ ଦାୟୀ କରିଛନ୍ତି।